THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ କରିଯିବା ନୁହେଁ, ବରଂ ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଜିଦ୍‌ରେ ଅଟଳ ରହିବା ଆମର ଲକ୍ଷ୍ୟ ହେବା ଉଚିତ୍ ।

–ଜେ କ୍ରିଷ୍ଣମୂର୍ତ୍ତି

♦ବର୍ଷ–୨ ♦ସଂଖ୍ୟା–୧୫ ♦ବରଗଡ଼ ♦ ୧୭–୨୩ ଫେବ୍ରୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 15♦BARGARH ♦ 17-23 FEBRUARY 2023 ♦RS.5/- ♦PAGE-8

ପ୍ରଳୟ ପଞ୍ଝାରେ ଛାରଖାର ତୁର୍କୀ–ସିରିଆ ପୃଷ୍ଠା–୩➔



ଓଡ଼ିଆରୁ ହିନ୍ଦୀ ଫେରୁଛି ଓଡ଼ିଆ ଚଳଚ୍ଚିତ୍ରର ଯୁଗ ପୃଷ୍ଠା–୫➔




ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା ପୃଷ୍ଠା–୭➔



ହଜିଗଲାଣି କେନ୍ଦରା ସୁର ପୃଷ୍ଠା–୮➔



# ଖାକିରେ ଅପରାଧ: ୮ ବର୍ଷରେ ୪୦୬

ଭୁବନେଶ୍ୱର: ହତ୍ୟା ଓ ଅନ୍ୟ ଅପରାଧିକ କାରନାମାରେ ସମ୍ପୃକ୍ତ ବ୍ୟତୀତ ଅପରାଧୀଙ୍କ ସହିତ ଅସାଧୁ ମେଣ୍ଟ, ଫେକ୍ ଏନ୍‌କାଉଣ୍ଟର ଆଦି ଅନେକ ଅଭିଯୋଗ ଗୋଟିଏ ପରେ ଗୋଟିଏ ଏବେ କାର୍ଯ୍ୟରତ ପୋଲିସ୍ ଅଧିକାରୀମାନଙ୍କ ନାଁରେ ଯୋଡ଼ି ହେବାରେ ଲାଗିଛି । ପୋଲିସ୍ ଏଏସ୍‌ଆଇ ଗୋପାଳ ଦାସ ଖାକି ପୋଷାକ ପିନ୍ଧି ଡ୍ୟୁଟିରେ ଥିବା ବେଳେ ମନ୍ତ୍ରୀ ନବ ଦାସଙ୍କୁ ସର୍ଭିସ୍ ପିସ୍ତଲରୁ ଗୁଳି କରି ହତ୍ୟା କରିବା ପରେ ଏହି ଚର୍ଚ୍ଚା ଏବେ ଜୋର୍ ଧରିଛି । କିନ୍ତୁ ବର୍ଦ୍ଦିରେ ଥାଇ ଅପରାଧ କରିବାରେ ଗୋପାଳ ଦାସ ପ୍ରଥମ ପୋଲିସ୍ ଅଧିକାରୀ ନୁହଁନ୍ତି । ତାଙ୍କ ପୂର୍ବରୁ ବହୁ ପୋଲିସ୍ ଅପରାଧ ଡାଏରୀରେ ନାଁ ଲେଖାଇଛନ୍ତି । ପୋଲିସ୍ କେବଳ ଗୋଟିଏ ଶବ୍ଦ ନୁହେଁ, ବରଂ ନ୍ୟାୟିକ ବ୍ୟବସ୍ଥାର ଶୃଙ୍ଖଳା ପ୍ରହରୀ । ସୁରକ୍ଷା କଥା କହିଲେ ସବୁଠୁ ଆଗେ ପୋଲିସ୍ ଶବ୍ଦ ମନକୁ ଆସେ । ଅପରାଧୀଙ୍କୁ ସାବାଡ଼ କରିବାକୁ ଲୋଡ଼ା ପଡନ୍ତି ପୋଲିସ୍ । ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଏମାନେ ଆଣିପାରନ୍ତି ନ୍ୟାୟିକ ଶାନ୍ତି । ମାତ୍ର ଅନେକ ସମୟରେ ଏଭଳି କିଛି ଘଟଣା ଆସେ ଯାହା ଆମକୁ ଦୋଛକିରେ ପକାଏ । ନଜର ଆଗରେ ରହିଥିବା ନଜିରରୁ ଜଣାପଡ଼େ ପୋଲିସ୍ ବି ବେଳେବେଳେ ଅପରାଧ କରେ । ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଗତ ୮ ବର୍ଷ ଭିତରେ ପୋଲିସ୍ ବାବୁଙ୍କ ବିରୋଧରେ ୪୦୬ଟି ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ହତ୍ୟା ଭଳି ସଙ୍ଗୀନ



ଅଭିଯୋଗ ବି ରହିଛି । ଏହି ଅଭିଯୋଗ ଖାକିରେ ଅପରାଧ ଚରିତ୍ରର ଏକ ଭୟାନକ ଚିତ୍ର ଉପସ୍ଥାପନ କରୁଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ଯେ ଏଯାଏ ଜଣେ ବି ପୋଲିସ୍ ଅଧିକାରୀଙ୍କୁ ଅଦାଲତରେ ଦୋଷୀ ସାବ୍ୟସ୍ତ କରାଯାଇ ପାରିନାହିଁ । ଯାହାଫଳରେ ଖାକିରେ ଅପରାଧ ଓ ଉଚ୍ଛୃଙ୍ଖଳତାକୁ ପୋତ୍ସାହନ ଦେଉଥିବା ବେଳେ ଏଭଳି ଘଟଣା ପୋଲିସ୍ ଚରିତ୍ର ଓ ଭାବମୂର୍ତ୍ତିକୁ କଳଙ୍କିତ କରୁଛି ।

ତଥ୍ୟ ଅନୁଯାୟୀ, ୨୦୨୧ରେ ଓଡ଼ିଶା ପୋଲିସ୍‌ରେ କାର୍ଯ୍ୟରତ ଅଫିସରଙ୍କ ବିରୋଧରେ ୫୯ଟି ଅପରାଧିକ ମାମଲା ରୁଜୁ ହୋଇଥିଲା । ମାତ୍ର ସେଥିରୁ ୧୭ଟି ଘଟଣାରେ ଚାର୍ଜସିଟ୍ ଓ ୩ଟି ଚୂଡ଼ାନ୍ତ ରିପୋର୍ଟ ଦିଆଯାଇଥିବା ବେଳେ ୪ ଜଣ ପୋଲିସ୍ ବାବୁ ଗିରଫ ହୋଇଛନ୍ତି । ସେହିଭଳି ୨୦୨୦ରେ ୭୩ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୧୦ଟି ମାମଲାରେ ଚାର୍ଜସିଟ୍ ହୋଇଛି ଏବଂ କେବଳ ଗୋଟିଏ ମାମଲାରେ ଚୂଡ଼ାନ୍ତ ରିପୋର୍ଟ ଦିଆଯାଇଛି । ସେଥିରେ ୧୩ ଜଣ ପୋଲିସ୍ ବାବୁଙ୍କୁ ଗିରଫ କରାଯାଇଛି । ୨୦୧୯ରେ ୫୨ଟି ମାମଲା ରୁଜୁ ହୋଇଥିବା ବେଳେ ୪ଟି ମାମଲାରେ ଚାର୍ଜସିଟ୍ ହୋଇଥିଲା । କିନ୍ତୁ ସେଥିରେ କେହି ଗିରଫ ହୋଇ ନାହାନ୍ତି । ୨୦୧୮ରେ ୧୯ଟି ମାମଲା ରୁଜୁ ହେବା ସହିତ ଗୋଟିଏରେ ଚାର୍ଜସିଟ ହୋଇଥିଲା ଏବଂ ୪ଟିର ଫାଇନାଲ୍ ରିପୋର୍ଟ ଦାଖଲ ହୋଇଛି । ସେଥିରେ ୪ ଜଣଙ୍କୁ ଗିରଫ କରାଯାଇଛି । କେହି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି । ୨୦୧୭ରେ ୪୪ଟି ମାମଲା ରୁଜୁ ହୋଇଥିବା ବେଳେ ୨୩ଟିରେ ଚାର୍ଜସିଟ୍ ଓ ୧୮ଟିରେ ଫାଇନାଲ୍ ରିପୋର୍ଟ ଦାଖଲ ହୋଇଛି । କିନ୍ତୁ କେହି ଗିରଫ ହୋଇନାହାନ୍ତି । ୨୦୧୬ରେ ୬୪ଟି ମାମଲା ହୋଇଥିବା ବେଳେ ୩୫ ଜଣ ଗିରଫ ହୋଇଥିଲେ । ୨୮ଟିରେ ଚାର୍ଜସିଟ୍ ହୋଇଥିଲା । କିନ୍ତୁ କେହି ଦୋଷୀ ସାବ୍ୟସ୍ତ ହୋଇ ନାହାନ୍ତି । ୨୦୧୫ରେ ୯୫ଟି ମାମଲା ରୁଜୁ ହୋଇଥିଲା । ମାତ୍ର ୩୯ଟି ମାମଲାରେ ଚାର୍ଜସିଟ ଦାଖଲ ହୋଇଥିବା ବେଳେ ୫୫ ଜଣ ଗିରଫ ହୋଇଥିଲେ । ୨ଟି ମାମଲାରେ ବିଚାର ଶେଷ ହୋଇଛି । କିନ୍ତୁ ସେଥିରେ ବି ଦୁଇ ➔ପୃଷ୍ଠା–୭

## ସମ୍ପାଦକୀୟ

ନ ଜଗିଲେ ଖୋଳ

### ଆଇଆଇସିଙ୍କୁ ଧକ୍କା ପ୍ରସଙ୍ଗ

# ଜୟନାରାୟଣ ମିଶ୍ରଙ୍କ ବହିଷ୍କାର ଦାବି ଜୋର

ଭୁବନେଶ୍ୱର/ସମ୍ବଲପୁର: ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇଆଇସି ଅନିତା ପ୍ରଧାନଙ୍କୁ ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ଧକ୍କା ମାରିବା ଘଟଣାକୁ ନେଇ ଏବେ ଘମାସାନ ରାଜନୀତି । ପ୍ରଥମେ ଠେଲାପେଲା । ତାପରେ ଆରମ୍ଭ ହେଲା ଆରୋପ ପ୍ରତ୍ୟାରୋପ । ଗୁରୁବାର ଏହି ଘଟଣାକୁ ନେଇ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି । ଦିନତମାମ ଉଭୟ ଦଳର ନେତାମାନେ ଗଣମାଧ୍ୟମ ସମ୍ମୁଖରେ ପରସ୍ପର ବିରୋଧରେ ବୟାନବାଜି କରିଥିଲେ । ସେପଟେ ଜୟ ନାରାୟଣଙ୍କୁ ଗିରଫ କରିବା ନେଇ ଦାବି ଭୁବନେଶ୍ୱରରୁ ନେଇ ସମ୍ବଲପୁର ସବୁଠି ଦେଖିବାକୁ ମିଳିଛି । ସମ୍ବଲପୁର ସର୍କିଟ୍ ହାଉସ୍ ସାମ୍ନାରେ ଦଳୀୟ କର୍ମୀମାନେ ନାରାବାଜି କରି 'ନାରୀ ଅପମାନକାରୀ ଜୟ ନାରାୟଣଙ୍କୁ ଗିରଫ କର ବୋଲି ସ୍ଲୋଗାନ ଦେଇଥିଲେ । ସର୍କିଟ୍ ହାଉସ୍ କବାଟ–ଝରକା ଭଙ୍ଗାରୁଜା କରିଥିଲେ । ତେବେ ସୌଭାଗ୍ୟବଶତଃ ଜୟ ନାରାୟଣ ସେଠି ନଥିଲେ ।

ପ୍ରସଙ୍ଗଟି ଏଇଠି ଅଟକି ନାହିଁ । ଏହି ଘଟଣାରେ ପୋଲିସ୍ ଅଧିକାରୀ ଓ କର୍ମଚାରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଏକ ରାଲିରେ ସେମାନେ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇ ଜୟ ନାରାୟଣଙ୍କୁ ➔ପୃଷ୍ଠା–୭

# ଦେବ୍ରିଗଡ଼କୁ ମିଳିଲା ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା

## ଶିମିଳିପାଳ ଓ ସାତକୋଶିଆ ପରେ ରାଜ୍ୟର ତୃତୀୟ ବ୍ୟାଘ୍ର ପ୍ରକଳ୍ପ

ବରଗଡ଼: ପ୍ରକୃତିପ୍ରେମୀଙ୍କ ପାଇଁ ଖୁସି ଖବର । ଓଡ଼ିଶାରେ ହେବାକୁ ଯାଉଛି ଆଉ ଏକ ବ୍ୟାଘ୍ର ଅଭୟାରଣ୍ୟ । ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଅବସ୍ଥାପିତ ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା ମିଳିଛି । ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ମଞ୍ଜୁରୀ ଦେଇଛି । ଏହି ଘୋଷଣା ପରେ ଆସନ୍ତା ୨ ମାସ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ ହେବ । ୮୦୪.୫୧ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଏହି ପ୍ରକଳ୍ପ ହେବ । ଶିମିଳିପାଳ ଓ ସାତକୋଶିଆ ପରେ ରାଜ୍ୟର ତୃତୀୟ ବ୍ୟାଘ୍ର ପ୍ରକଳ୍ପ ଭାବେ ଦେବ୍ରିଗଡ଼ ନାଁ ଘୋଷଣା କରାଯାଇଛି । ବ୍ୟାଘ୍ର ପ୍ରକଳ୍ପ ପାଇଁ ଦେବ୍ରିଗଡ଼ର ୮ଟି ପରିବାର ଓ ଝାଗଡେ ବେହେରାର ୩୭ ପରିବାରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ମୋଟ ୪୫ଟି ପରିବାରକୁ ସ୍ଥାନାନ୍ତର କରାଯାଇଛି । ସୁନାବେଡା ଅଭୟାରଣ୍ୟ ଓ ଛତିଶଗଡ଼ର ଉଦନ୍ତି ସୀତାନଦୀକୁ ଦେବ୍ରିଗଡ଼ ବ୍ୟାଘ୍ର ପ୍ରକଳ୍ପ ସଂଯୋଗ କରୁଛି । ସେହିପରି ସାତକୋଶିଆ




ବ୍ୟାଘ୍ର ପ୍ରକଳ୍ପକୁ ମଧ୍ୟ ସଂଯୋଗ କରୁଛି । ଡେବ୍ରିଗଡ଼ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀଙ୍କ ସହ ବହୁସଂଖ୍ୟାରେ କଲରାପତରିଆ ବାଘ ଅଛନ୍ତି । କିନ୍ତୁ, ୨୦୧୭ରେ ଏହି ଅଭୟାରଣ୍ୟରେ ଥିବା ଏକମାତ୍ର ମହାବଳ ବାଘକୁ ଶିକାରୀମାନେ ହତ୍ୟା କରିଥିଲେ । ଏହା ପରଠାରୁ ଡେବ୍ରିଗଡ଼ ମହାବଳ ଶୂନ୍ୟ ରହିଥିଲା । ➔ପୃଷ୍ଠା–୭

# ବେଙ୍ଗାଲୁରୁ ବିଶ୍ୱର ଦ୍ୱିତୀୟ ଭିଡ଼ ସହର

ବେଙ୍ଗାଲୁରୁ: ୨୦୨୨ରେ ବିଶ୍ୱର ସବୁଠୁ ଅଧିକ ଭିଡ଼ ସହରଗୁଡ଼ିକ ମଧ୍ୟରେ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଛି । ଲଣ୍ଡନ ପ୍ରଥମ ସ୍ଥାନରେ ରହିଛି । ନେଦରଲାଣ୍ଡର ପ୍ରଯୁକ୍ତି ସଂସ୍ଥା ଟମ୍‌ଟମ୍ ପକ୍ଷରୁ ପ୍ରକାଶିତ ଟ୍ରାଫିକ୍ ସୂଚୀରୁ ଏହା ଜଣାଯାଇଛି । ବେଙ୍ଗାଲୁରୁବାସୀଙ୍କୁ ୧୦ କିଲୋମିଟର ଯିବାଲାଗି ହାରାହାରି ୨୯ ମିନିଟ୍ ୧୦ ସେକେଣ୍ଡ୍ ଲାଗିଛି । କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଲଣ୍ଡନର ଟ୍ରାଫିକ୍ ସବୁଠୁ ଅସହ୍ୟ । ଏଠାରେ ୧୦ କିମି ଯିବା ଲାଗି ୩୬ ମିନିଟ୍ ୨୦ ସେକେଣ୍ଡ୍ ସମୟ ଲାଗୁଛି । ସିଟି ସେଣ୍ଟର୍ ବର୍ଗରେ ବେଙ୍ଗାଲୁରୁ ପଛକୁ ଟ୍ରାଫିକ୍ ଭିଡ଼ କ୍ଷେତ୍ରରେ ଆୟର୍ଲ୍ୟାଣ୍ଡର ଡବଲିନ୍ ତୃତୀୟ, ଜାପାନର ସାପୁରୁ ଚତୁର୍ଥ, ଇଟାଲିର ମିଲନ୍ ପଞ୍ଚମ ଏବଂ ମହାରାଷ୍ଟ୍ରର ପୁନେ ଷଷ୍ଠ ସ୍ଥାନରେ ରହିଛି । ଜଟିଳ ଟ୍ରାଫିକ୍ ସମସ୍ୟା ଥିବା ଭାରତର ଅନ୍ୟ ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇ ରହିଛି । ଦିଲ୍ଲୀ ଉକ୍ତ ➔ପୃଷ୍ଠା–୭

THE AADHAR ODISHA

ଆଧାର ଓଡ଼ିଶା

୧୭-୨୩ ଫେବ୍ରୁଆରୀ ୨୦୨୩



# ନ ଜଗିଲେ ଖୋଳ

ଏ ପର୍ଯ୍ୟନ୍ତ ଭାରତର କେତେକ ଆତ୍ମଘୋଷିତ ଚତୁର ବ୍ୟକ୍ତି ପ୍ରଶ୍ନ କରି ଆସୁଥିଲେ ଯେ, ଜମ୍ମୁ-କଶ୍ମୀରରେ କିସ ବା ଅଛି ଯେ, ସେ କ୍ଷେତ୍ର ଓ ସେଠାକାର ବାସିନ୍ଦାଙ୍କ ଲାଗି ହଜାର ହଜାର କୋଟି ଟଙ୍କା ସଂଘ ପାଣ୍ଠିରୁ ଖର୍ଚ୍ଚ ହେଉଛି। ଏ ସବୁ ଅଫେରନ୍ତ ଓ ପ୍ରତ୍ୟାଶା ବିହୀନ ଖର୍ଚ୍ଚ ବୋଲି ସେମାନେ କହିଥାନ୍ତି। ଏମିତି ଦେଖିବାକୁ ଗଲେ ମେଷପାଳନ ଓ ମେଷଲୋମରୁ ତିଆରି ପଶମ ବସ୍ତ୍ର, ଉଦ୍ୟାନ ଉତ୍ପାଦ ଯେପରି କି ସେଓ, ଅଙ୍ଗୁର, ଅଖରୋଟ, ବାଦାମ ଭଳି କିଛି ଫଳମୂଳ ଓ ଡ୍ରାଏ ଫ୍ରୁଟ୍‌ସକୁ ବାଦ ଦେଲେ ଅବିଭକ୍ତ ଜମ୍ମୁ-କଶ୍ମୀର ପ୍ରାନ୍ତରେ, ବିଶେଷ କରି କଶ୍ମୀର ଉପତ୍ୟକାରେ, ଘରୋଇ ଉତ୍ପାଦ ବୋଲି ଆଉ କିଛି ନାହିଁ। ହେବ ବା କେମିତି ? ଗୋଟିଏ ପଟେ ଚାରି ଆଡେ ପାହାଡପର୍ବତ। ଯାହା ଅଳ୍ପ କିଛି ସମତଳ ଭୂମି ଜମ୍ମୁ ଅଞ୍ଚଳରେ ଅଛି। ଅନ୍ୟପଟେ ବର୍ଷ ସାରା ଥଣ୍ଡା ଓ କାକର। ତେଣୁ ଚାଷବାସ କଷ୍ଟକର। ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ମହାରାଷ୍ଟ୍ର ଭଳି ସେଠାରେ କୋଇଲା, ଲୁହାପଥର, ବକ୍ସାଇଟ, ମାଙ୍ଗାନିଜ ଆଦି ପ୍ରଚୁର ପରିମାଣରେ ଉପଲବ୍ଧ ନୁହେଁ। ତେଣୁ କଳକାରଖାନା ବି ବିଶେଷ ନାହିଁ। ଜମ୍ମୁ-କଶ୍ମୀରରେ ଶିଳ୍ପ ବୋଇଲେ ପର୍ଯ୍ୟଟନକୁ ବୁଝାଏ। ଭାରତର ଭୂସ୍ୱର୍ଗ ଆଖ୍ୟା ପାଇଥିବାରୁ ପର୍ଯ୍ୟଟନରୁ ସ୍ଥାନୀୟ ବାସିନ୍ଦାଙ୍କ ଆଚ୍ଛାଖାସା ରୋଜଗାର ହେଉଥିଲା। ଗତ ଶତାବ୍ଦୀର ନବେ ଦଶକ ଆରମ୍ଭରେ ସେଠାରେ ଆତଙ୍କବାଦୀଙ୍କ କାୟା ବିସ୍ତାର ପରେ ସେତିକି ବି ଧୂଳିସାତ୍ ଯାଇଥିଲା। ଏବେ ପୁଣି ସେଇଠି ପର୍ଯ୍ୟଟନ ଶିଳ୍ପ ଧୀରେ ଧୀରେ ଅଣ୍ଟା ସଳଖୁଛି। ଅବଶ୍ୟ ଜମ୍ମୁରେ କିଛି ରତ୍ନପଥର ମିଳୁଛି। ସେଠାରେ ମିଳୁଥିବା ନୀଳମଣି (ବ୍ଲୁ ସାଫାଏର) ଅତି ଦାମିକା। କ୍ୟାରେଟ୍ ପିଛା ଅତିକମ୍‌ରେ ସାତ ଆଠ ଲକ୍ଷ ଟଙ୍କା। ବେଲ ପାଚିଲେ କାଉର କି ଯାଏ ? ରତ୍ନପଥରରୁ ସାଧାରଣ ଜନତାଙ୍କୁ କିଛି ଲାଭ ମିଳେନି। ଦ୍ୱିତୀୟତଃ ସେହି ସବୁ ରତ୍ନପଥର କାଁ ଭାଁ ଉପଲବ୍ଧ। ଜାତୀୟ ରାଜକୋଷକୁ ଜମ୍ମୁ-କଶ୍ମୀରର ଯୋଗଦାନ ତୁଳନାରେ ସେହି ରାଜ୍ୟ ଲାଗି ସଂଘୀୟ ଅର୍ଥ ଅନୁଦାନ ବରାବର ଅଧିକ ରହୁଥିବାରୁ ଏହା ଅନ୍ୟମାନଙ୍କ ଗାତ୍ରଦାହର କାରଣ ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ମାତ୍ର ଗତ ସପ୍ତାହରେ ଚିତ୍ର ବଦଳି ଯାଇଛି। ସେହି ପ୍ରାନ୍ତରେ ଏଭଳି ଏକ ଖଣିଜ ପଦାର୍ଥର ସନ୍ଧାନ ମିଳିଛି ଯାହା ପୂର୍ବରୁ ଭାରତବର୍ଷରେ କେଉଁଠି ବି ଉତ୍ପାଦନକ୍ଷମ ପରିମାଣରେ ଗଚ୍ଛିତ ଥିବା ନଜରକୁ ଆସି ନ ଥିଲା। ଏହି ଖଣିଜ ପଦାର୍ଥଟି ହେଲା ଲିଥିୟମ। ଏହା ହେଉଛି ବର୍ତ୍ତମାନ ସୁଦ୍ଧା ମାନବଜ୍ଞାତ ଧାତୁ ମଧ୍ୟରେ ସବୁଠାରୁ ହାଲ୍‌କା। ମୋବାଇଲ ବ୍ୟାଟେରୀ, ଇଲେକ୍‌ଟ୍ରିକ ଗାଡି ବ୍ୟାଟେରୀ ସୋଲାର ପ୍ୟାନେଲ ପ୍ରଭୃତିର ମୂଳ ଭିତ୍ତି ହେଲା ଲିଥିୟମ-ଆୟନ। ଜମ୍ମୁ-କଶ୍ମୀରରେ ଏହି ବିରଳ ଧାତୁର ଉପସ୍ଥିତି ଜଣାପଡିବା ପୂର୍ବରୁ ବିଶ୍ୱର ହାତଗଣତି ଅଳ୍ପ କେତୋଟି ଦେଶ ହିଁ ଏହାର ଉତ୍ପାଦନ କରୁଥିଲେ। ସେ ମଧ୍ୟରୁ ଚିଲି, ଆର୍ଜେଣ୍ଟିନା, ବଲିଭିଆ ନିକଟରେ ୫୦ ପ୍ରତିଶତ ଲିଥିୟମ ରହିଛି। ଏକ ଆକଳନ ମୁତାବକ ଭୂପୃଷ୍ଠରେ ମାତ୍ର ୮୦ ମିଲିୟନ ଟନ ଲିଥିୟମର ସନ୍ଧାନ ପୂର୍ବରୁ ମିଳିଛି। ଏବେ ସେଥିରେ ଯୋଡି ହୋଇଗଲା ଜମ୍ମୁ-କଶ୍ମୀରର ସାଢେ ୫ ମିଲିୟନ ଟନ। ସଂଘ ଖଣି ମନ୍ତ୍ରାଳୟ ଦେଇଥିବା ସୂଚନା ମୁତାବକ ଜମ୍ମୁ-କଶ୍ମୀରର ଲିଥିୟମ ହେଉଛି ସବୁଠାରୁ ଉନ୍ନତ ମାନର। ଅର୍ଥାତ ଚିଲି, ଆର୍ଜେଣ୍ଟିନା, ମେକ୍ସିକୋ ଆଦି ଦେଶର ଲିଥିୟମ କଞ୍ଚାମାଲ୍ ତୁଳନାରେ ଜମ୍ମୁ-କଶ୍ମୀରର କଞ୍ଚାମାଲ୍‌ରେ ଲିଥିୟମର ସାନ୍ଦ୍ରତା ଅଧିକ।

ଜମ୍ମୁ-କଶ୍ମୀରର ରୀଆସି ଜିଲ୍ଲା ସଲାଲ ହାଇମାନାଠାରେ ଲିଥିୟମ ଭଣ୍ଡାରର ସନ୍ଧାନ ଭାରତ ବର୍ଷ ଲାଗି ଏକ ଗେମ୍-ଚେଞ୍ଜର ବୋଲି କୁହାଯାଉଛି। ଲିଥିୟମଆୟନ ବ୍ୟାଟେରୀ (ଏଲଆଇବି) ଉତ୍ପାଦନରେ ଚୀନର ପ୍ରାୟ ଏକଚାଟିଆ ଦବଦବା ରହିଛି। ଚୀନରେ ବି କିଛି ପରିମାଣରେ ଲିଥିୟମ ଉପଲବ୍ଧ। ଆଜିର ତାରିଖରେ ବିଶ୍ୱର ପ୍ରାୟ ୭୭ ପ୍ରତିଶତ ଏଲଆଇବି ଚୀନ ତିଆରି କରୁଛି। କେବଳ ଏଲଆଇବି କାହିଁକି, ବିଶ୍ୱ ବାଣିଜ୍ୟରେ ଗତ ଦେଢ ଦୁଇ ଦଶନ୍ଧି ଧରି ଗ୍ଲୋବାଲ ସପ୍ଲାଏ ଚେନ୍ (ସାମଗ୍ରୀ ଯୋଗାଣ ଶୃଙ୍ଖଳ)ର ପ୍ରମୁଖ କଡି ଭାବେ ରହି ଆସିଛି ଚୀନ। ମାତ୍ର ସେପଟେ ଚୀନରୁ ସୃଷ୍ଟ କରୋନା ମହାମାରୀଜନିତ ଦୁର୍ଦ୍ଦଶା ଏବଂ ଅନ୍ୟପଟେ ପ୍ରଶାନ୍ତ ମହାସାଗର ଓ ଦକ୍ଷିଣ ଚାଇନା ସମୁଦ୍ରରେ ଚୀନର ବଡଭାଇପଣିଆ ଜାହିର ଉଦ୍ୟମ ହେତୁ ବିଶ୍ୱର ଅନେକ ଦେଶ ବିକଳ୍ପ ସପ୍ଲାଏ ଚେନ୍ ସୃଷ୍ଟିର ଆବଶ୍ୟକତା ଅନୁଭବ କରିସାରିଲେଣି। ସପ୍ଲାଏ ଚେନ୍ ଚୀନ କବ୍‌ଜାରେ ଥିବା ପର୍ଯ୍ୟନ୍ତ ସେ ଦେଶର ମନମାନୀକୁ ବରଦାସ୍ତ ନ କରି ଚାରା ନାହିଁ। ଚୀନର ସ୍ଥାନ ଭାରତବର୍ଷ ନେଉ ବୋଲି ଅନେକ ପାଶ୍ଚାତ୍ୟ ଦେଶ ଚାହୁଁଛନ୍ତି।

ଭବିଷ୍ୟତ ହେଉଛି ସବୁଜ ପ୍ରଯୁକ୍ତି ବା ଗ୍ରୀନ୍ ଟେକ୍ନୋଲୋଜିର ଯେଉଁଠି କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବା ସକାଶେ ଜୈବିକ ଜାଳେଣୀ ବଦଳି ଏଲଆଇବି ଅଧିକାଂଶ କ୍ଷେତ୍ରରେ ବ୍ୟବହାର ହେବ। ଲିଥିୟମରେ ଆତ୍ମନିର୍ଭରଶୀଳତା ଭାରତକୁ ଆପେ ଚୀନ ଆଗରେ ନେଇ ଥୋଇବ, ଏଥିରେ ସନ୍ଦେହ ନାହିଁ। ମାତ୍ର ଲିଥିୟମ ଲାଗି ଖଣି ଖନନ ବେଳେ ହିମାଳୟ କ୍ଷେତ୍ରର ଇକୋସିଷ୍ଟମ (ପରିସଂସ୍ଥା)ର ହାନୀ ନ ହେବା ଚାହିଁ। ପ୍ରଥମତଃ ହିମାଳୟ କ୍ଷେତ୍ରର ପରିସଂସ୍ଥା ସହଜେ ଭଙ୍ଗୁର ଓ ଅତି ସମ୍ବେଦନଶୀଳ। ନିକଟରେ ଯୋଶୀମଠ ଅଞ୍ଚଳ ଦବିଯିବା ଘଟଣା ସମଗ୍ର ହିମାଳୟପାଦଦେଶବାସୀଙ୍କୁ ବିଚଳିତ ଅବସ୍ଥାକୁ ଠେଲି ଦେଇଛି। ଦ୍ୱିତୀୟରେ ଏହି କ୍ଷେତ୍ର ଭୂକମ୍ପପ୍ରବଣ ମଧ୍ୟ। ତେଣୁ ଲିଥିୟମ ଖୋଳିବାକୁ ବ୍ୟସ୍ତ ଓ ତରବର ହେଲେ ପରିଣାମ ମଙ୍ଗଳପ୍ରଦ ହୋଇ ନ ପାରେ। ଲିଥିୟମ ସନ୍ଧାନ ମିଳିବା ପରେ ଦେଶର ବିଭିନ୍ନ ଘରୋଇ କମ୍ପାନୀ ସେଥିପ୍ରତି ଆଖେଇ ସାରିବେଣି। ଆଦାନୀ, ଅମ୍ବାନୀ, ଟାଟା, ରୁଙ୍ଗ୍‌ଟା, ଅଗ୍ରୱାଲ, ଜିନ୍ଦଲମାନେ ଯିଏ ଯାହାର ମାର୍ଗରେ ଲିଥିୟମ ଖଣି ହାତେଇବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଥିଲେ ସେଥିରେ ଅସ୍ୱାଭିକତା କିଛି ନାହିଁ। ଦେଶର ଅଧିକାଂଶ ଲୁହାପଥର, ମାଙ୍ଗାନିଜ, କୋଇଲା, ବକ୍ସାଇଟ, ଗ୍ୟାସ୍ ଓ ପେଟ୍ରୋଲିୟମ ଫିଲ୍‌ଡକୁ ଏମାନେ ହିଁ ତ କାବୁ କରିନେଇଛନ୍ତି। ଏମାନଙ୍କୁ ଦରକାର ଲାଭ। ଦେଶବାସୀ, ଖଣିଅଞ୍ଚଳବାସୀ, ପରିବେଶ ସର୍ବୋପରି ଭବିଷ୍ୟତ ପିଢିର ଭବିଷ୍ୟତ ଚୁଲି କି ଗଲେ ବି ଏମାନଙ୍କୁ ଏତେଟା ଫରକ୍ ପଡେନି। ଲିଥିୟମ ହେଉଛି ଅନ୍ୟତମ ବିରଳତମ ଧାତୁ। ଲାଭଖୋରଙ୍କ ହାବୁଡେ ପଡିଲେ ଅଳ୍ପ କିଛି ବର୍ଷ ମଧ୍ୟରେ ସବୁ ଖୋଳ ହୋଇଯିବ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**

ଇମେଲ୍- aadharodisha8@gmail.com

ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,

ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ସଂଖ୍ୟାଲଘୁଙ୍କ ପାଇଁ ଛାତ୍ରବୃତ୍ତି

ଇନ୍‌ସା ୱାରସୀ




୨୯ ଜାନୁଆରୀ ୨୦୦୬ ତାରିଖରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରାଳୟ ଭାବରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଠାରୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ ପ୍ରତିଷ୍ଠା କରାଯାଇଥିଲା । ଯଦ୍ୱାରା ଅଧୀସୂଚିତ ସଂଖ୍ୟାଲଘୁ ସମୁଦାୟ ଯାହା ମଧ୍ୟରେ ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଶିଖ୍, ପାରସୀ ଓ ଜୈନ ଅନ୍ତର୍ଭୁକ୍ତ । ସେମାନଙ୍କ ସଶକ୍ତିକରଣ ପାଇଁ ଧ୍ୟାନ କେନ୍ଦ୍ରିତ କରାଯାଇପାରିବ । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରାଳୟର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେପରି ସଂଖ୍ୟାଲଘୁ ସମୁଦାୟ ସେମାନଙ୍କ ଅର୍ଥନୈତିକ, ଶିକ୍ଷାଗତ ଓ ବୃତ୍ତିଗତ ଅବସର ଗୁଡ଼ିକରେ ଉତ୍ତମ ଭାବରେ ସହଭାଗୀ ହୋଇ ତାଙ୍କର ଉତ୍ଥାନକୁ ସୁନିଶ୍ଚିତ କରିପାରିବେ ।

ଶିକ୍ଷା ହେଉଛି ଏକ ମୌଳିକ ଅଧିକାର । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଉଚ୍ଚଶିକ୍ଷା ଲାଭ କରିବାକୁ ସମର୍ଥ ହୋଇପାରୁନାହାନ୍ତି । ଆର୍ଥିକ ଦୂରବସ୍ଥା କାରଣରୁ ସଂଖ୍ୟାଲଘୁ ସମୁଦାୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ୬-୧୪ ବର୍ଷ ମଧ୍ୟରେ ତାଙ୍କର ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । ଏହିସବୁ ଅସୁବିଧା ଗୁଡ଼ିକୁ ଦୂରକରିବାକୁ ସରକାର ସଂଖ୍ୟାଲଘୁ ସମୁଦାୟ ପାଇଁ ଅନେକ ଗୁଡିଏ ଛାତ୍ରବୃତ୍ତି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ପ୍ରାକ୍-ମ୍ୟାଟ୍ରିକ୍ ତଥା ପରବର୍ତ୍ତୀ ମାଟ୍ରିକ୍ ଛାତ୍ରବୃତ୍ତି, ମେଟିଏ କମ୍ ମିନ୍‌ସ ଛାତ୍ରବୃତ୍ତି ଅନ୍ତର୍ଭୁକ୍ତ । ୨୦୨୧-୨୨ ବର୍ଷରେ ଯଦିଓ କେନ୍ଦ୍ରୀୟ ଛାତ୍ରବୃତ୍ତି ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫୫୩୨କୁ ବୃଦ୍ଧି ପାଇଥିଲା । ହେଲେ ଏମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ସଂଖ୍ୟା ତାଙ୍କ ଜନସଂଖ୍ୟାର ଅନୁପାତ ତୁଳନାରେ ଅତ୍ୟନ୍ତ କମ୍ । ସେହିପରି ନୟା ସବେରା ଫେଲୋସିପ୍‌ର ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ କମିବାରେ ଲାଗିଛି । ୨୦୧୯-୨୦ରେ ଏହାର ସଂଖ୍ୟା ୯୫୮୦ ଥିବା ବେଳେ ୨୦୨୧-୨୨ରେ ଏହାକୁ ୫୧୪୦କୁ ଖସି ଆସିଛି । ବେଗମ୍ ହଜରତ୍ ମହଲ ଛାତ୍ରବୃତ୍ତି ୯-୧୨ କ୍ଲାସ୍‌ରେ ପଢୁଥିବା ସଂଖ୍ୟାଲଘୁ ଛାତ୍ରୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଅଟେ । ଯାହାଙ୍କ ପରିବାରର ବାର୍ଷିକ ଆୟ ୨ ଲକ୍ଷରୁ ଅଧିକ ନୁହେଁ । ଏହି ଯୋଜନା ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ କ୍ରମାଗତ ଭାବେ କମିବାରେ ଲାଗିଛି । ୨୦୧୯-୨୦ରେ ଏହା ୨.୯୫ ଲକ୍ଷ ଥିବା ବେଳେ ୨୦୨୧-୨୨ରେ ଏହାର ସଂଖ୍ୟା ୧.୬୫ ଲକ୍ଷ ଥିଲା । ଏହିପରି ଛାତ୍ରବୃତ୍ତି ଯୋଜନାର ସ୍ୱଳ୍ପ ବ୍ୟବହାର କରିବାର କାରଣ ହେଲା ସଂଖ୍ୟାଲଘୁଙ୍କ ମଧ୍ୟରେ ସଚେତନତାର ଅଭାବ, କାରଣ ତାଙ୍କ ମଧ୍ୟରେ ଅଧିକାଂଶ ଜମିହୀନ ଶ୍ରମିକ ଅଛନ୍ତି ଯେଉଁମାନେ ବିଭିନ୍ନ ପ୍ରକାର ଅଣକୁଶଳୀ ବୃତ୍ତିରେ ନିୟୋଜିତ ହୋଇଥାନ୍ତି ଓ ତାଙ୍କର କୌଣସି ନିରନ୍ତର ଆୟ ନ ଥାଏ । ସଂଖ୍ୟାଲଘୁ ସମୁଦାୟର ପାଖାପାଖି ଅଧା ଜନସଂଖ୍ୟା ଏହି ଶ୍ରେଣୀରେ ଅର୍ନ୍ତଭୁକ୍ତ ଅଟନ୍ତି । ସେମାନେ ଶିକ୍ଷାକୁ ନିଜର ଉନ୍ନତିର ସାଧନ ଭାବରେ ଦେଖନ୍ତି ନାହିଁ ବରଂ ତାଙ୍କ ଆର୍ଥିକ ସ୍ରୋତରେ କ୍ଷତି ଆଣୁଥିବା ଏକ ବୋଝ ବୋଲି ଶିକ୍ଷାକୁ ସେହି ରୂପରେ ଦେଖିଥାନ୍ତି । କାରଣ ନିର୍ଧନତା ଜଣେ ମଣିଷକୁ ଶିକ୍ଷାପ୍ରାପ୍ତ କରିବା ବଦଳରେ ଜୀବିକା ନିର୍ବାହ କରିବା ପାଇଁ ବାଧ କରିଥାଏ । ଆଧୁନିକ ଶିକ୍ଷାବଦଳରେ ସଂଖ୍ୟାଲଘୁମାନେ ଧାର୍ମିକ ଶିକ୍ଷାକୁ ଗୁରୁତ୍ୱାରୋପ କରି, ବର୍ତ୍ତମାନ ଦୁନିଆର ଆବଶ୍ୟକତାକୁ ଆଖିଆଗରେ ରଖି ପାରମ୍ପରିକ ଶିକ୍ଷାବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ପ୍ରଚେଷ୍ଟାର ଅଭାବ ଫଳରେ ସେମାନେ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ହୋଇ ରହିଛନ୍ତି । ଏହିପରି ଛାତ୍ରବୃତ୍ତି ଯୋଜନାଗୁଡ଼ିକୁ ନେଇ ସଚେତନତା ଅଭାବ ଦ୍ୱାରା ଅନେକ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷା ପୂରଣ କରିବାରେ ଅସମର୍ଥ ହୋଇଥାନ୍ତି । ସଂଖ୍ୟାଲଘୁଙ୍କ ଶିକ୍ଷା କ୍ଷେତ୍ରରେ ଅନଗ୍ରସରତା ପାଇଁ ଅନେକ କାରଣ ଥାଇପାରେ କିନ୍ତୁ ଏହାର ଏକମାତ୍ର ସମାଧାନ ହେଲା, ଏହିପରି ଛାତ୍ରବୃତ୍ତି ଯୋଜନା ସମ୍ବନ୍ଧରେ ସେମାନଙ୍କ ସଚେତନତାକୁ ବୃଦ୍ଧି କରିବା । ଯାହାଫଳରେ ଦେଶର ଶିକ୍ଷାଗତ ପ୍ରଗତିରେ ଯୋଗଦାନ କରିବା ପାଇଁ ସେମାନେ ସମର୍ଥ ହେବା ସହିତ, ଉଚିତ୍ ସହକାରେ ଦେଶର ବିକାଶରେ ସହଯୋଗ କରିପାରିବେ । କାରଣ ଏହା ନିଶ୍ଚିତ ଯେ ସରକାର ଓ ସମାଜର ସହାୟତାରେ ସଂଖ୍ୟାଲଘୁ ମାନେ ନିଜକୁ ସେମାନଙ୍କ ଶିକ୍ଷାଗତ ଅନଗ୍ରସରତାକୁ ବାହାର କରିପାରିବେ ।

## ଘୃଣାସୂଚକ ବକ୍ତବ୍ୟକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଟିପ୍ପଣୀ

# ଧର୍ମନିରପେକ୍ଷ ଭାବନାକୁ ପ୍ରତିପାଦିତ କରେ

ସଲିମ୍ ଶେଖ୍

ଗତକିଛି ବର୍ଷ ମଧ୍ୟରେ ଘୃଣାସୂଚନକ ବକ୍ତବ୍ୟ ଏକପ୍ରକାର ନିତିଦିନିଆ ଘଟଣାରେ ପରିଣତ ହୋଇଛି ଏବଂ ଏହାକୁ ପୃଷ୍ଠପୋଷକତା ଦେଉଥିବା ବ୍ୟକ୍ତିମାନେ ଅଭିବ୍ୟକ୍ତି ଓ ବକ୍ତବ୍ୟର ସ୍ୱାଧୀନତା ଅଧିକାରର ଆଳରେ ଏହାକୁ ନ୍ୟାୟୋଚିତ ବୋଲି ସିଦ୍ଧ କରିବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ଅନ୍ୟପକ୍ଷରେ ଯେଉଁ ସମୁଦାୟଙ୍କ ପ୍ରତି ଏହା ଆକ୍ଷେପିତ ହୋଇଥାଏ ତାଙ୍କର ଅସ୍ତିତ୍ୱର ଅଧୀକାର ପ୍ରତି ବିପଦ ସୃଷ୍ଟି କରିଥାଏ । ବର୍ତ୍ତମାନ ସମୟରେ ଘୃଣାସୂଚକ ବକ୍ତବ୍ୟ ଉଲେ୍‌କଟ୍ରନିକ୍ ମିଡ୍ରିଅ ମାନଙ୍କରେ ହେଉଥିବା ବିତର୍କ ଗୁଡ଼ିକର ଏକ ଅଂଶ ହୋଇଯାଇଛି । ଏହି ନ୍ୟୁଜ ଚ୍ୟାନେଲ୍ ଗୁଡ଼ିକରେ ହିନ୍ଦୁ-ମୁସ୍‌ଲିମ୍ ମଧ୍ୟରେ ନିରନ୍ତର ଦ୍ୱନ୍ଦ୍ୱ ଲାଗି ରହିଛି ଓ ଯାହାର ନିକଟ ଭବିଷ୍ୟତରେ କୌଣସି ସମାଧାନ ନାହିଁ ବୋଲି ଜାଣିଶୁଣି ପ୍ରଚାରିତ କରାଯାଇଥାଏ । କିନ୍ତୁ ସେମାନେ ଭୁଲଯାଇଥାନ୍ତି ଯେ ଆମର ଭାରତୀୟ ସମ୍ବିଧାନ ସର୍ବଦା ସମାନତା ଓ ଭାଇଚାରାକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିଥାଏ ।

ତେଣୁ ଏଠାରେ ପ୍ରଶ୍ନ ଉଠେ ଯେ ଗୋଟିଏ ବ୍ୟକ୍ତିଙ୍କୁ ଅନ୍ୟ ଜଣକର ବିନାଶ କରିବା ପାଇଁ କଣ ପ୍ରେରିତ କରିଥାଏ । ଘୃଣାସୂଚକ ବକ୍ତବ୍ୟ ଓ ଇତିହାସର ପୂର୍ନବାଖ୍ୟା କରାଯାଇ ଏକପ୍ରକାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରାଯାଇଥାଏ । ଘୃଣାର ଏହି ରାଜନୀତିରେ ଧର୍ମକୁ ବ୍ୟବହାର କରି ଅନ୍ୟମାନଙ୍କ ସହିତ ଦ୍ୱେଷ ସୃଷ୍ଟିକରି ଯର୍ଥାଥ ପ୍ରମାଣ କରିବାକୁ ଚେଷ୍ଟା କରାଯାଇଥାଏ । ଏହି ପ୍ରକାର ନକରାତ୍ମକ ଅପପ୍ରଚାରରେ ଧର୍ମଗୁରୁମାନେ ମଧ୍ୟ ଭାଗ ନେଇ, ଭେଦଭାବପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିବା ଦ୍ୱାରା ଧ୍ରୁବୀକରଣ ଆହୁରି ତ୍ୱରାନ୍ୱିତ ହୋଇଥାଏ । ତେଣୁ ଘୃଣାସୂଚକ ବକ୍ତବ୍ୟକୁ ନେଇ ଦାୟର କରାଯାଇଥିବା ଯାଚିକା ଗୁଡ଼ିକୁ ମାନନୀୟ ଉଚ୍ଚତମ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହା ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ସମ୍ବିଧାନ ଏକ ଧର୍ମନିରପେକ୍ଷର ରାଷ୍ଟ୍ରର ପରିକଳ୍ପନା କରିବା ସହିତ ଏହା ନାଗରିକମାନଙ୍କ ମଧ୍ୟରେ ଭାଇଚାରା ଓ ବ୍ୟକ୍ତିର ଗରୀମାକୁ ସୁନିଶ୍ଚିତ କରିଥାଏ । ଏଥିସହ ଦିଲ୍ଲୀ, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ସରକାରଙ୍କୁ ଘୃଣାସୂଚକ ବକ୍ତବ୍ୟ ମାମଲାଗୁଡ଼ିକରେ ଅଭିଯୋଗକୁ ଅପେକ୍ଷା ନ କରି ତୁରନ୍ତ ପଦକ୍ଷେପ ନେବାପାଇଁ ଉକ୍ତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ । ଘୃଣାସୂଚକ ବକ୍ତବ୍ୟକୁ ନିୟନ୍ତ୍ରଣ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିବା ପାଇଁ ଉଚ୍ଚତମ ନ୍ୟାୟାଳୟ ନିକଟରେ ୧୧ଟି ଯାଚିକା ଦର କରାଯାଇଥିଲା । ଉଚ୍ଚତମ ନ୍ୟାୟାଳୟର ଉକ୍ତ ଖଣ୍ଡପୀଠ ଘୃଣାସୂଚକ ବକ୍ତବ୍ୟକୁ ନେଇ ଆମଦେଶ କେଉଁଆଡ଼େ ଅଗ୍ରସର ହେଉଛି ବୋଲି ମନ୍ତବ୍ୟ ଦେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଏହା ସହିତ ଘୃଣାସୂଚକ ବ୍ୟକ୍ତବ୍ୟକୁ ନିୟନ୍ତ୍ରଣ କରିବା ପାଇଁ କଠୋର ନିୟମାବଳୀ ଜାରି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ।

ତେଣୁ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଦେଶରେ ଚାଲୁଥିବା ଧ୍ରୁବୀକରଣ ଓ ଘୃଣା ଉପରେ ଏହା ଏକ ପ୍ରକାର ରୋକ୍ ଲଗାଇପାରିବ । ଏଠାରେ ମନେ ରଖିବାକୁ ହେବ ଯେ, କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଓ ରାଜନେତା କେବଳ ଘୃଣାର ରାଜନୀତିରୁ ଲାଭବାନ ହୋଇଥାନ୍ତି । ତେଣୁ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଣ୍ଣୟର ମୁଖ୍ୟ କଥା ହେଲା ଦେଶରୁ ଅସ୍ଥିରତା ଭଳି ବିପଦରୁ ଯେପକରି ହେଲେ ରକ୍ଷା କରିବାକୁ ହେବ । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଣ୍ଣୟ ପୁଣିଥରେ ଭାରତୀୟ ସମ୍ବିଧାନ ଉପରେ ସଂଖ୍ୟାଲଘୁମାନଙ୍କ ଆସ୍ଥାକୁ ଦୃଢ଼ିଭୂତ କରିଛି। ତେଣୁ ଦେଶକୁ ଭଲପାଉଥିବା ବ୍ୟକ୍ତି ଓ ଘୃଣା ଉଦ୍ରେକକାରୀମାନଙ୍କ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ଶିକ୍ଷା ହେବା ଉଚିତ୍ ।

# ପ୍ରଳୟ ପଞ୍ଝାରେ ଛାରଖାର ତୁର୍କୀ-ସିରିୟା

ଡେନ୍‌ମାର୍କ/ ଜେନେଭା: ତୁର୍କୀ, ସିରିଆରେ ଭୟଙ୍କର ଭୂମିକମ୍ପକୁ ସପ୍ତାହେ ବିତିଛି । ଏବେ ବି ଭଗ୍ନାବଶେଷ ତଳେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି ରେସ୍କ୍ୟୁ ଟିମ୍ । ନିଶ୍ଚିତ ମରଣମୁହଁରୁ ଫେରିବାରେ ଲାଗିଛନ୍ତି ଗୋଟିଏ ପରେ ଗୋଟିଏ ଜୀବନ । ତୁର୍କୀ ଓ ସିରିୟାରେ ଭୁଶୁଡି ପଡିଥିବା କୋଠାର କଂକ୍ରିଟ ପାହାଡ ଭିତରୁ ଜୀବନ୍ତ ଉଦ୍ଧାର ହେଉଛନ୍ତି ଏଭଳି ଅନେକ ଶିଶୁ । ଭଗ୍ନାବଶେଷ ଭିତରୁ ଜୀବନ ଖୋଜୁ ଖୋଜୁ ମୃତଦେହ ବି ମିଳୁଛି । ତଥାପି ଦିନ ରାତି ଏକ କରି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ରେସକ୍ୟୁ ଟିମ୍ । ପ୍ରକୃତି ରଚିଥିବା ତାଣ୍ଡବକୁ ସାତ ଦିନ ବିତିଥିବା ବେଳେ ଏବେବି ହଜାର ହଜାର ଲୋକ ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି ।



- ଭୂକମ୍ପରେ ୭୦ ଲକ୍ଷ ଶିଶୁ ପ୍ରଭାବିତ
- ମୃତ୍ୟୁ ସଂଖ୍ୟା ୫୦ ହଜାର ପାର୍
- ଅସହ୍ୟ ଥଣ୍ଡାରେ କଲବଲ ବିପନ୍ନ
- ୨୨ ଲକ୍ଷ ଲୋକ ଘର ଛାଡ଼ିଲେଣି

ଭୂକମ୍ପରେ ବର୍ତ୍ତମାନ ସୁଦ୍ଧା ୩୮,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ତୁର୍କୀରେ ୩୧,୯୭୪ ଏବଂ ସିରିଆରେ ୫,୭୧୪ ଜଣଙ୍କ ମୃତ୍ୟୁ ଘଟିଛି । ଉଭୟ ତୁର୍କୀ ଓ ସିରିଆରେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ପ୍ରଭାବିତ ହୋଇଥିବା ଜାତିସଂଘ କହିଛି । ଭୂକମ୍ପ ଫଳରେ ତୁର୍କୀର ୧୦ ସହର କ୍ଷତିଗ୍ରସ୍ତ ହୋଇଛି । ତୁର୍କୀରେ ୪୬ ଲକ୍ଷ ଏବଂ ସିରିଆରେ ମୋଟ ୨୫ ଲକ୍ଷ ଶିଶୁ ଭୂକମ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଜାତିସଂଘ ଚିଲ୍‌ଡ୍ରେନ୍ ଏଜେନ୍ସି ୟୁନିସେଫ୍ ମୁଖପାତ୍ର ଜେମ୍ସ ଏଲ୍‌ଡର କହିଛନ୍ତି । ଅନେକ ଶିଶୁ ସେମାନଙ୍କ ଅଭିଭାବକଙ୍କୁ ହରାଇଥିବାବେଳେ ବହୁ ଲୋକଙ୍କଠାରୁ ଭୟଙ୍କର ଭୂମିକମ୍ପ ସେମାନଙ୍କ ସନ୍ତାନମାନଙ୍କୁ ଛଡ଼ାଇ ନେଇଥିବା ସେ କହିଛନ୍ତି । ଅନେକେ ବାସହରା ଲୋକ ଏବେବି ଖାଦ୍ୟ ଓ ଆଶ୍ରୟସ୍ଥଳୀ ପାଇଁ ସଂଘର୍ଷ କରୁଛନ୍ତି । ଅନ୍ୟପକ୍ଷେ ମଲ୍, ସ୍କୁଲ୍, ରାସ୍ତାକଡ଼, ମସ୍‌ଜିଦ୍ ଏବଂ ବସ୍ ଷ୍ଟେସନ୍‌ଗୁଡ଼ିକରେ ଲୋକେ ଆଶ୍ରୟ ନେଇଛନ୍ତି । ତୁଷାରପାତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ଅନୁଭୂତ ହେଉଛି । ଫଳରେ ଛୋଟପିଲାମାନେ ଶ୍ୱାସକ୍ରିୟା ଜନିତ ସଂକ୍ରମଣ ଏବଂ ହାଇପୋଥେମିଆ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି ।

ସେପଟେ ଭୂକମ୍ପର ପ୍ରଳୟରୁ ବଞ୍ଚିଯାଇଥିବା ଜୀବନ ଏବେ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି । ପୀଡିତଙ୍କ ଅବସ୍ଥା କହିଲେ ନସରେ । ଶୀତ କାକରରେ ଖୋଲା ଆକାଶ ତଳେ ପଡି ରହିଛନ୍ତି ଲକ୍ଷାଧିକ ଲୋକ । ଜୀବନ ଦୁର୍ବିସହ ହୋଇପଡିଛି । ରହିବାକୁ ମୁଣ୍ଡ ଉପରେ ଛାତ ନାହିଁ କି ବଞ୍ଚିବାକୁ ଖାଦ୍ୟ । ତା ସାଙ୍ଗକୁ ପାନୀୟ ଜଳର ବି ଘୋର ସଙ୍କଟ । ପରିବାର ଓ ଘରଦ୍ୱାର ହରାଇଥିବା ଲୋକେ ରାହା ଖୋଜୁଛନ୍ତି ନୂଆ ଜୀବନ ଜିଇଁବାକୁ । ଭୂକମ୍ପରେ ତୁର୍କୀ ଓ ସିରିୟାରେ ଏଯାଏଁ ୩୦ ହଜାର ଜୀବନ ଯାଇଥିବା ବେଳେ ମୃତ୍ୟୁସଂଖ୍ୟା ୫୦ ହଜାର ଟପିପାରେ ବୋଲି ଜାତିସଂଘ ଆକଳନ କରିଛି ।

ଭୟଙ୍କରୀ ଭୂକମ୍ପ ଯୋଗୁ ପ୍ରଭାବିତ ଅଞ୍ଚଳରୁ ୨୨ ଲକ୍ଷ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି । ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ହଜାର-ହଜାର ସଂଖ୍ୟାରେ ଘର ଏବେ ଖାଲି ପଡ଼ିଥିବା ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଡୋଗାନ୍ କହିଛନ୍ତି । ତୁର୍କୀରେ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବାକୁ ବସିଥିବାବେଳେ ଭାଙ୍ଗିଯାଇଥିବା ବିଲ୍ଡିଂର ପୁନଃ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଡୋଗାନ୍ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହାରି ଭିତରେ ଥଇଥାନ ଓ ପୁନରୁଦ୍ଧାର ପାଇଁ ସହାୟତାର ହାତ ବଢାଇଛି ବିଶ୍ୱ ବ୍ୟାଙ୍କ୍ । ଭୂକମ୍ପ ପୀଡିତଙ୍କ ପାଇଁ ଜରୁରିକାଳୀନ ଭିସା ଦେବାକୁ ଘୋଷଣା କରିଛି ଜର୍ମାନୀ । ଆମେରିକା ସମେତ ୫୦ରୁ ଅଧିକ ଦେଶ ସହାୟତା ପାଇଁ ଆଗେଇ ଆସିଛନ୍ତି । ଅପରେସନ୍ ଦୋସ୍ତ ଜରିଆରେ ଭାରତ ମଧ୍ୟ ସହାୟତା ଜାରି ରଖିଛି । ତୁର୍କୀରେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ଏନଡିଆରଏଫର ୨ଶହ ଜଣିଆ ଟିମ୍ । ଏଥିସହ ୨୩ ଟନ୍‌ର ରିଲିଫ୍ ସାମଗ୍ରୀ ନେଇ ତୁର୍କୀରେ ପହଁଚିଛି ଅପରେସନ୍ ଦୋସ୍ତର ସପ୍ତମ ଫ୍ଲାଇଟ୍ । ଯେଉଁଥିରେ ଜେନ୍ ସେଟ୍, ସୋଲାର ଲ୍ୟାମ୍ପ ଏବଂ ଜରୁରୀ ମେଡିକାଲ ସାମଗ୍ରୀ ରହିଛି ।

# ଭାରତ-ପାକିସ୍ତାନରେ ୫୦ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ବନ୍ୟା ବିପଦ: ରିପୋର୍ଟ



ନୂଆଦିଲ୍ଲୀ/ଇସଲାମାବାଦ : ଗତ ବର୍ଷ ଉଭୟ ଭାରତ ଏବଂ ପଡୋଶୀ ଦେଶ ପାକିସ୍ତାନ ଭୟଙ୍କର ବନ୍ୟା ପରିସ୍ଥିତିରେ ଉପୁଜିଥିଲା । ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏକ ଅନ୍ତର୍ଜାତୀୟ ଅନୁସନ୍ଧାନକାରୀ ଦଳ ଜାଣିବାକୁ ପାଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ବିପଦ କାରଣରୁ ଭାରତ ଏବଂ ପାକିସ୍ଥାନରେ ରହୁଥିବା ୫୦ ଲକ୍ଷରୁ ଅଧିକ ଲୋକ ଆଗାମୀ ସମୟରେ ପ୍ରବଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହେବେ । ଗ୍ଲାସିଆଲ୍ ହ୍ରଦ ପ୍ରବାହିତ ବନ୍ୟା ହେବାର ଆଶଙ୍କା ଥିବା ଅଞ୍ଚଳଗୁଡିକର ପ୍ରଥମ ବିଶ୍ୱସ୍ତରୀୟ ଆକଳନରୁ ଜଣାପଡିଛି ଯେ ୧୫ ନିୟୁତ ଲୋକ ବିପଦରେ ଅଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିଆଲ ବନ୍ୟା ପରିସ୍ଥିତି ଉପୁଜିଛି । ପୃଥିବୀ ଗରମ ହେବା ସହିତ ଗ୍ଲେସିୟର ତରଳିବାରେ ଲାଗିଛି । କେଦାରନାଥରେ ଘଟିଥିବା ଭୟଙ୍କର ବିପର୍ଯ୍ୟୟ ସହିତ ଏହାକୁ ଯୋଡାଯାଇ ପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

ବୈଜ୍ଞାନିକଙ୍କ ଅନୁଯାୟୀ, ଗ୍ଲାସିଆଲ ହ୍ରଦ ଆଉଟ୍‌ବର୍ଷ୍ଟ ବନ୍ୟା ଏହାର ଉତ୍ପତ୍ତିଠାରୁ ବହୁ ଦୂରରେ ବିନାଶ ଘଟାଇବାକୁ ସକ୍ଷମ । କେତେକ କ୍ଷେତ୍ରରେ, ଏହା ୧୨୦ କିଲୋମିଟରରୁ ଅଧିକ ଦୂରରେ ବିନାଶର କାରଣ ହୋଇପାରେ । ନେଚର କମ୍ୟୁନିକେଶନ ପତ୍ରିକାରେ ପ୍ରକାଶିତ ଏହି ନୂତନ ଅଧ୍ୟୟନରେ କୁହାଯାଇଛି ଯେ ଏହା ଏକ ବଡ଼ ଧରଣର ବିପଦକୁ ସୂଚିତ କରୁଛି । ଏହାଦ୍ୱାରା ବହୁ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି । ବିଶ୍ୱସ୍ତରରେ, ୧୯୯୦ ଦଶକରୁ, ତଳିଆ ଅଞ୍ଚଳରେ ଜନସଂଖ୍ୟା ସହିତ ଗ୍ଲାସିଆଲ ହ୍ରଦର ସଂଖ୍ୟା ଏବଂ ଆକାରରେ ଦ୍ରୁତ ବୃଦ୍ଧି ଘଟିଛି ।

ନ୍ୟୁକେସଲ ବିଶ୍ୱବିଦ୍ୟାଳୟ ଦଳ ୧,୦୮୯ ଗ୍ଲାସିଆଲ ହ୍ରଦ ଅବବାହିକାର ଜନସଂଖ୍ୟା ଏବଂ ବିଶ୍ୱର ପ୍ରାୟ ୫୦ କିଲୋମିଟର ହ୍ରଦ ଆଖପାଖ ଅଞ୍ଚଳରେ ବାସ କରୁଥିବା ଜନସଂଖ୍ୟା ଅଧ୍ୟୟନ କରିଥିଲେ । ଏହା ପରେ ସେମାନେ ଏହି ସୂଚନାକୁ ବିଶ୍ୱସ୍ତରରେ କ୍ଷୟକ୍ଷତିର ମାପ ଏବଂ ମାନ୍ୟତା ଦେବା ଏବଂ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଲୋକଙ୍କ ଦକ୍ଷତାକୁ ଆକଳନ କରିବା ପାଇଁ ବ୍ୟବହାର କରିଥିଲେ । ସେମାନେ ଜାଣିବାକୁ ପାଇଲେ ଯେ ଏକ ଗ୍ଲାସିଆଲ ହ୍ରଦର ୫୦ କିଲୋମିଟର ପରିସର ମଧ୍ୟରେ ୧୫ ନିୟୁତ ଲୋକ ବାସ କରନ୍ତି । ଉଚ୍ଚ ପର୍ବତ ଅଞ୍ଚଳରେ ଏହା ଯୋଗୁ ଅଧିକ ବିପଦ ରହିଥାଏ । ତିବ୍ବତୀୟ ମାଳଭୂମି, କିର୍ଗିଜସ୍ଥାନରୁ ଚାଇନା, ଭାରତ ଏବଂ ପାକିସ୍ଥାନର ବହୁ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ ।

# କୋରୋନାରେ କମିଛନ୍ତି ୨.୪ କୋଟି ଦର୍ଶକ

ନୂଆଦିଲ୍ଲୀ: ବର୍ତ୍ତମାନ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି କୋରୋନା ମହାମାରୀରେ ପ୍ରାୟ ୨.୪ କୋଟି ଦର୍ଶକଙ୍କୁ ହରାଇଛି । ଏରମାକ୍ସର ୨୦୨୩ ରିପୋର୍ଟ ଅନୁଯାୟୀ, ଭାରତରେ ବର୍ତ୍ତମାନ ୧୨.୨ କୋଟି ଚଳଚ୍ଚିତ୍ର ଦର୍ଶକ ରହିଛନ୍ତି, ଯେଉଁମାନେ ପୂର୍ବ ୧୨ ମାସ ମଧ୍ୟରେ ଗୋଟିଏ ଥିଏଟରରେ ଅତି କମ୍‌ରେ ଗୋଟିଏ ମୁଭି ଦେଖିଥିବେ । ହେଲେ କରୋନା ମହାମାରୀ ପୂର୍ବରୁ ୨୦୨୦ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ

**ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି**

ଏହି ସଂଖ୍ୟା ୧୪.୬ କୋଟିରେ ପହଞ୍ଚିଥିଲା । ଜାନୁୟାରୀ ୨୦୨୩ ରିପୋର୍ଟ ମୁତାବକ, ୧୫ ହଜାର ଭାରତୀୟ ଦର୍ଶକ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହିଛନ୍ତି । ପ୍ରତିବର୍ଷ ହାରାହାରି ୧.୫ ପ୍ରତିଶତ ଫିଲ୍ମ ଭାରତୀୟ ଦର୍ଶକ ୧.୫ ଭାଷାରେ ଦେଖିଥାନ୍ତି । ଭାରତର ୫.୮ କୋଟି ଦର୍ଶକଙ୍କ ଅନୁସାରେ, ହିନ୍ଦୀ ହେଉଛି ସର୍ବାଧିକ ଦେଖାଯାଉଥିବା ଭାଷା । ପୂର୍ବ ମହାମାରୀ ସ୍ତର ତୁଳନାରେ ହିନ୍ଦୀ ସିନେମା ଦେଖିବାକୁ ହଲ୍ ଯାଉଥିବା ଦର୍ଶକଙ୍କ ସଂଖ୍ୟା ୨୧.୫ ପ୍ରତିଶତ ହ୍ରାସ ପାଇଛି । ଏହା ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ବୃଦ୍ଧି ଦେଖିବାକୁ ମିଳିଛି । ତେବେ କନ୍ନଡ଼ ଭାଷାରେ ୨୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି । ତାମିଲ ଭାଷାରେ ଏହା ୨୮.୨ ପ୍ରତିଶତରେ ସ୍ଥିର ରହିଥିବାବେଳେ ତେଲୁଗୁରେ ୨୫୧.୮୪ କୋଟିରୁ ୨୩୧.୯୬ କୋଟିକୁ ହ୍ରାସ ପାଇଛି । ଅନ୍ୟପଟେ ହଲିଉଡ୍‌ରେ ଏହା ୧୦.୧ ପ୍ରତିଶତ ବୃଦ୍ଧି ହୋଇ ୧୮୨.୨୬ କୋଟିରୁ ୨୦୦.୪୮ କୋଟି ହୋଇଛି ।

# ଏୟାର ଇଣ୍ଡିଆ କିଣିବ ୫୪୦ ନୂଆ ବିମାନ

ନୂଆଦିଲ୍ଲୀ: ଏୟାର ଇଣ୍ଡିଆ କିଣିବ ୫୪୦ ନୂଆ ବିମାନ । ଏଥିପାଇଁ ହୋଇଛି ଶହେ ବିଲିୟନ୍ ଡଲାରର ଡିଲ୍ । ବିମାନ ଚଳାଚଳ କ୍ଷେତ୍ରରେ ଏହା ସବୁଠାରୁ ବଡ ଡିଲ୍ ବୋଲି କୁହାଯାଉଛି । ଡିଲ୍ ମୁତାବକ ଏୟାର ଇଣ୍ଡିଆ, ଫ୍ରାନ୍ସ କମ୍ପାନୀ ଏୟାରବସ୍ ଏବଂ ଆମେରିକା କମ୍ପାନୀ ବୋଇଂ ଠାରୁ ଏହି ବିମାନ କିଣିବ । ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବା ନେଇ ମେଗା ଡିଲ୍ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭର୍ଚୁଆଲ ଉପସ୍ଥିତିରେ ଏହି ଡିଲ୍ ହୋଇଛି । ଆମେରିକା ବିମାନ କମ୍ପାନୀ ବୋଇଂ ଠାରୁ ଟାଟା ମାଲିକାନାରେ ଥିବା ଏୟାର ଇଣ୍ଡିଆ ୨୨୦ଟି ବିମାନ କିଣିବ । ଏହାମଧ୍ୟରେ ୧୯୦ଟି ୭୩୭ ମାକ୍ସ ନେରୋବଡି ଜେଟ୍ ରହିଛି । ସେହିପରି ୨୦ଟି ୭୮୭ ଏବଂ ୧୦ଟି ୭୭୭ ଏକ୍ସଏସ୍ ବିମାନ ରହିଛି । ଏଥିସହ ବୋଇଂ ଠାରୁ ଆଉ ୭୦ଟି ବିମାନ କିଣିବାକୁ ମଧ୍ୟ ସ୍ଥିର ହୋଇଛି । ସେହିପରି ଫ୍ରାନ୍ସ ସହ ହୋଇଥିବା ୨୫୦ ବିମାନର ଡିଲ୍ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଭାରତ ଆସିବେ ୧୨ ଚିତା

ନୂଆଦିଲ୍ଲୀ: ଭାରତ ଆସିବେ ଆଉ ୧୨ ଚିତା । ଆସନ୍ତା ଶନିବାର ଦକ୍ଷିଣ ଆଫ୍ରିକାରୁ ଏହି ଚିତାଙ୍କୁ ଭାରତ ଅଣାଯିବ । ମଧ୍ୟପ୍ରଦେଶର କୁନୋ ନାସନାଲ ପାର୍କରେ ଚିତାଙ୍କୁ ରଖାଯିବ । ପୂର୍ବରୁ ସେଠାରେ ୮ଟି ଚିତା ଅଛନ୍ତି । ଗତବର୍ଷ ମଧ୍ୟ ଚିତାଙ୍କୁ ନାମିବ୍ୟାରୁ ଅଣାଯାଇଥିଲା । ନିବାର ଆସିବାକୁ ଥିବା ୧୨ ଚିତା ମଧ୍ୟରୁ ୭ଟି ଅଣ୍ଡିରା ଏବଂ ୫ଟି ମାଇ ବାଘ ଅଛନ୍ତି । ଶୁକ୍ରବାର ରାତିରେ ବାଘଙ୍କୁ ନେଇ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଦକ୍ଷିଣ ଆଫ୍ରିକାରୁ ବାହାରିବ । ଶନିବାର ସକାଳେ ଗ୍ୱାଲିଅର ଏୟାରଫୋର୍ସ ବେସରେ ପହଁଚିବା ପରେ ସେଠାରୁ ୬୫ କିଲୋମିଟର ଦୂର କୁନୋ ନାସନାଲ ପାର୍କକୁ ହେଲିକପ୍ଟରରେ ଚିତାଙ୍କୁ ନିଆଯିବ । ସେଠାରେ ଚିତାଙ୍କୁ କିଛି ଦିନ କ୍ୱାରେଣ୍ଟିନରେ ରଖାଯିବ । ଗତବର୍ଷ ସେପ୍ଟେମ୍ବର ୧୭ରେ ନିଜ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ୮ଟି ଚିତାଙ୍କୁ କୁନୋ ନାସନାଲ ପାର୍କକୁ ଛାଡିଥିଲେ ।

# ୩ ଦିନିଆ 'କୃଷି ଓଡିଶା' ଆରମ୍ଭ

## କୃଷି ଯାନ୍ତ୍ରିକୀକରଣ, ଚାଷୀଙ୍କ ରୋଜଗାର ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପ୍ରଦର୍ଶନୀରେ ସାମିଲ ୨୧୨ ଷ୍ଟଲ୍, ୫ ଚାଷୀ, ୫ ଏସ୍ଏଚ୍‌ଜି ପୁରସ୍କୃତ



ଭୁବନେଶ୍ୱର: ରାଜ୍ୟ ସରକାରଙ୍କ କୃଷି-କୃଷକ ସଶକ୍ତୀକରଣ ବିଭାଗ ଓ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଆୟୋଜିତ ୩ ଦିନିଆ ରାଜ୍ୟସ୍ତରୀୟ ବାର୍ଷିକ କୃଷି ମହୋତ୍ସବ 'କୃଷି ଓଡିଶା-୨୦୨୩'କୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଫାର୍ମ ମେକାନାଇଜେସନ୍ ଓ ଫସଲ ବିବିଧତା ଉପରେ ଗୁରୁତ୍ୱାରୋପ କରି ଚାଷୀ ମାନଙ୍କୁ ନୂଆ ନୂଆ ଟେକ୍ନୋଲୋଜିର ବ୍ୟବହାର କରିବା ସହିତ ଅଧିକ ପରିମାଣରେ ଅଣଧାନ ଅର୍ଥକରୀ ଫସଲ ଚାଷ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଟେକ୍ନୋଲୋଜି ହେଉଛି ବିକାଶର ଆଧାର । କୃଷି କ୍ଷେତ୍ରରେ ମଧ୍ୟ ଟେକ୍ନୋଲୋଜିର ବହୁତ ଆବଶ୍ୟକତା ରହିଛି । ଏ ବର୍ଷ ମେଳାରେ କୃଷି କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ । ଚାଷୀମାନେ ସମସ୍ତେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବେ, ବ୍ୟବହାର କରିବେ ଏବଂ କୃଷି କ୍ଷେତ୍ରରେ ସଫଳ ହୋଇ ନିଜର ଓ ନିଜ ରାଜ୍ୟର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।

କୃଷି ଓ କୃଷକମାନଙ୍କ ଉନ୍ନତି ମୋ ସରକାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । କୃଷି କ୍ଷେତ୍ରରେ ଓଡିଶା ଆଜି ଏକ ଆଗୁଆ ରାଜ୍ୟ ହୋଇପାରିଛି । ଖାଦ୍ୟରେ ଅଭାବ ଥିବା ଏକ ରାଜ୍ୟରୁ ଆଜି ଆମେ ଖାଦ୍ୟଶସ୍ୟରେ ଏକ ବଳକା ରାଜ୍ୟ ହୋଇ ସାରା ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇ ପାରୁଛୁ ବୋଲି ସେ କହିଥିଲେ । କାଳିଆ ଯୋଜନା ଦ୍ୱାରା ଚାଷୀ ମାନଙ୍କୁ ରୋଜଗାର ସୁରକ୍ଷା ମିଳିପାରିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଫାର୍ମ ମେକାନାଇଜେସନ ଉପରେ ଗୁରୁତ୍ୱ ଦିଆଯାଇ ଫସଲ ଉତ୍ପାଦକତା ବଢାଇବା ପାଇଁ ଉଦ୍ୟମ ଜାରି ରହିଛି । ପଣସ ମିଶନ, ଛତୁ ମିଶନ ଆଦି ସ୍ୱତନ୍ତ୍ର ମିଶନ ଜରିଆରେ ଚାଷୀଙ୍କ ରୋଜଗାର ସହିତ ପୁଷ୍ଟି ନିରାପତ୍ତା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆମର ମିଲେଟ ମିଶନ ଆଜି ସାରା ଦେଶ ଓ ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି ମତଦେଇ ସେ କହିଥିଲେ ଯେ ଏହା ଆମର ମିଶନ ଶକ୍ତି ମା' ମାନଙ୍କର ରୋଜଗାର ବଢାଇବାରେ ମଧ୍ୟ ସହାୟକ ହୋଇପାରିଛି ।

ଏହି ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜର ଅଭିଭାଷଣ ରଖି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍ଦର୍ଶନରେ କୃଷି ବିଭାଗ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି । କୃଷକ ମାନଙ୍କ ଆୟବୃଦ୍ଧିରେ କୃଷି ଆନୁସଙ୍ଗିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡିଶା ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବା ସହିତ ଚାଷୀ ମାନଙ୍କ ରୋଜଗାର ମଧ୍ୟ ବୃଦ୍ଧି କରାଯାଇପାରିଛି ବୋଲି ସେ କହିଥିଲେ । ଓଡିଶା ଦକ୍ଷତା ବିକାଶ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିକାଶ ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ।



ଏହି ଅବସରରେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ାର ପ୍ରଫୁଲ୍ଲ ଖିଲ୍ଲ, କଳାହାଣ୍ଡିର ଯଶପାଲ ସାହୁ, ସମ୍ବଲପୁରର ସଦାଶିବ ଭୋଇ, ଗଞ୍ଜାମର ଦେସୁତୁ ଭଗବାନ, କଟକର ସୁବାସ ପାଲ ଏବଂ କୋରାପୁଟର ଅଗ୍ନି ଗଙ୍ଗାମା, କଳାହାଣ୍ଡିର ମାନସୀ ଏସଏଚଜି, ସମ୍ବଲପୁରର ମା' ଶୁଭଲକ୍ଷ୍ମୀ, ଗଞ୍ଜାମ ଶେରଗଡ଼ର ଜଳେଶ୍ୱର, କଟକ ଜିଲ୍ଲା ବାଙ୍କିର ଦୁଲଣପୁର ପ୍ରଡ୍ୟୁସର୍ସ ଅର୍ଗନାଇଜେସନ ଏସଏଚଜିଙ୍କୁ ପୁରସ୍କୃତ କରାଯାଇଛି । ଏହି ପ୍ରଦର୍ଶନୀରେ ୨୧୨ଟି ଷ୍ଟଲ୍ ସ୍ଥାନ ପାଇଛି । ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିସନର ସୁରେଶ ବଶିଷ୍ଠ, ଜର୍ମାନୀ ଦୂତାବାସର ଖାଦ୍ୟ ଓ କୃଷି କାଉନସିଲର ଇଙ୍ଗେବୋର୍ଗ ବେୟର, ଡବ୍ଲୁଏଫପି କଣ୍ଟ୍ରି ଡାଇରେକ୍ଟର ଏଲିଜାବେଥ ଫୌଓର, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚର ଡେଭଲପମେଣ୍ଟର କଣ୍ଟ୍ରି ଡାଇରେକ୍ଟର ଉଲାକ ଡେମିରାଗ ଏବଂ ୟୁନାଇଟେଡ୍ ନେସନ ଏଗ୍ରିକଲଚର ଫୁଡ ଅର୍ଗନାଇଜେସନର ଅଫିସ ଇନଚାର୍ଜ କୋଣ୍ଡା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।


























# ଓଡ଼ିଆରୁ ହିନ୍ଦୀ ଫେରୁଛି ଓଡ଼ିଆ ଚଳଚ୍ଚିତ୍ରର ଯୁଗ

ଓଡ଼ିଆ ଚଳଚ୍ଚିତ୍ରରୁ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ ହେବା ବିରଳ ବିଷୟ । ୧୯୭୯ରେ 'ଶେଷ ଶ୍ରାବଣ'ରୁ ହିନ୍ଦୀରେ 'ନେୟା' ହେଇଥିବାବେଳେ କିଛିବର୍ଷ ତଳେ ଦେଶର ୧୩ଟି ଆଞ୍ଚଳିକ ଭାଷାରେ ନିର୍ମିତ ହେଇଥିଲା 'ଜୟ ଜଗନ୍ନାଥ' । ନିକଟରେ 'ଦମନ' ହିନ୍ଦୀ ଭାଷାରେ ଡବ୍ ହେଇ ଦେଶର ୫୦୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ଆଗକୁ ଆସୁଛନ୍ତି ଅନୁପମ୍ ଖେର୍ ନିର୍ମାଣ କରୁଥିବା ଓଡ଼ିଆ ଚଳଚ୍ଚିତ୍ରର ହିନ୍ଦୀ ଭର୍ସନ୍ 'ପ୍ରତୀକ୍ଷା' ।

✧✧✧✧✧✧

✧✧ **ଦମନ :** ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିଛି ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ହିନ୍ଦୀ ଭର୍ସନ୍ । ପ୍ୟାନ୍ ଇଣ୍ଡିଆ ମାଧ୍ୟମରେ 'ଦମନ' ରିଲିଜ୍ କରିଥିବାରୁ ଓଡ଼ିଶା ପାଇଁ ଏହା ଗର୍ବର ବିଷୟ । ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ନେଇ ବାସ୍ତବ କାହାଣୀ ଉପରେ 'ଦମନ'ର କାହାଣୀ ପର୍ଯ୍ୟବସିତ । ଡାକ୍ତର ସିଦ୍ଧାନ୍ତ ମହାନ୍ତିଙ୍କ ଭୂମିକାରେ ବାବୁସାନ ଏବଂ ତାଙ୍କର ସହଯୋଗୀ ଫାର୍ମାସିଷ୍ଟ ରବି ଭୂମିକାରେ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଛନ୍ତି । ପାନାରୋମା ଷ୍ଟୁଡିଓରେ ଏହାର ମ୍ୟୁଜିକ୍ ପ୍ରସ୍ତୁତ ହେଇଛି । ବାବୁସାନଙ୍କ ପାଇଁ ସଙ୍କେତ ମାହେନ୍ଦ୍ରେ ଏବଂ ଦ୍ୱୀପନ୍ୱିତଙ୍କ ପାଇଁ ଭଏସ୍ ଦେଇଛନ୍ତି ଚନ୍ଦନ ରାୟ । ଦିନେ 'ଦମନ' ଚଳଚ୍ଚିତ୍ରକୁ ରିଲିଜ୍ କରିବା ପାଇଁ ଓଡ଼ିଶାରେ ପ୍ରେକ୍ଷାଳୟ ମିଳୁ ନ ଥିଲା । ହେଲେ ଆଜି ସାରା ଭାରତର ୫୦୦ଟି ନାମୀଦାମୀ ପ୍ରେକ୍ଷାଳୟରେ ଏକାବେଳେ ହିନ୍ଦୀ ଭାଷାରେ ରିଲିଜ୍ କରିଛି ଚଳଚ୍ଚିତ୍ର 'ଦମନ' । ଏଥିରେ ହିନ୍ଦୀ ଭର୍ସନ୍ ଗୀତରେ କଣ୍ଠଦାନ କରିଛନ୍ତି ଅଭୟ ଯୋଧପୁରକର, ଜାଭେଦ ଅଲ୍ଲୀ ଓ ଦିବ୍ୟ କୁମାର । ଏହାର ସଂଳାପ, ଗୀତ ଓ ସଙ୍ଗୀତରେ କିଛିଟା ପରିବର୍ତ୍ତନ ହେଇଛି । ସଙ୍ଗୀତରେ ରିୟାଲିଷ୍ଟିକ୍ ଆପ୍ରୋଚ ଦିଆଯାଇଛି । ବିଏଫ୍ଏକ୍ସ ଲାଗିକି ଭିଜୁଆଲ କରାଯାଇଛି,ଏସବୁକୁ ମିଶାଇ ସିନେମାର ସମୟ ଟିକିଏ ଦୀର୍ଘ କରାଯାଇଛି । ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, ଦିଲ୍ଲୀ, ମୁମ୍ବାଇ ଆଦି ବଡ଼ ସହରର ଦର୍ଶକ ଏହାକୁ ଗ୍ରହଣ କରୁଛନ୍ତି । ଓଡ଼ିଶାରେ ଭୁବନେଶ୍ୱରସ୍ଥିତ ସିମ୍ଫୋନି ମଲ୍‌ରେ 'ଦମନ'ର ହିନ୍ଦୀ ଭର୍ସନ ଫିଲ୍ମର ପ୍ରିମିୟର ହେଇଯାଇଛି ।

✧✧ **ପ୍ରତୀକ୍ଷା :** ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୁପମ ଖେର 'ପ୍ରତୀକ୍ଷା' ଚଳଚ୍ଚିତ୍ରକୁ ହିନ୍ଦୀ ଭାଷାରେ ନିର୍ମାଣ କରିବାକୁ ଯାଉଛନ୍ତି । ଏପରିକି 'ପ୍ରତୀକ୍ଷା'ରେ ବାପା ଭୂମିକାରେ ଅଭିନୟ କରିଥିବା ଚୌଧୁରୀ ଜୟପ୍ରକାଶଙ୍କ ଚରିତ୍ରରେ ସେ ଅବତୀର୍ଣ୍ଣ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ଏକ ବ୍ୟବସାୟିକ ଚଳଚ୍ଚିତ୍ର ହେଇ ନ ଥିଲେ ବି ଓଡ଼ିଆ କ୍ଷୁଦ୍ର ଗଳ୍ପ 'ବାପା'ର କାହାଣୀ ଆଧାରରେ ତିଆରି ହେଇଛି । ଆଇଏଫ୍ଏଫ୍ଆଇର ଇଣ୍ଡିଆନ୍ ପାନୋରାମା ବିଭାଗରେ ମନୋନୀତ ହେଇ ଚଳଚ୍ଚିତ୍ରଟି ପ୍ରଦର୍ଶିତ ହେବା ସହ ପୁରସ୍କୃତ ହେଇଛି । ଏହା ସାଙ୍ଗକୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲାପରେ ହଜାର ହଜାର ଦର୍ଶକଙ୍କ ହୃଦୟ ଜିଣିଛି । ଅନୁପମ ପଟ୍ଟନାୟକ ଏହି ସିନେମାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି । ଏହା ଭିତରେ ଗତବର୍ଷ ଡିସେମ୍ବର ପ୍ରଥମାର୍ଦ୍ଧରେ ମୁକ୍ତିଲାଭ କରି ପ୍ରେକ୍ଷାଳୟକୁ ଆସିବା ଆଗରୁ ଏହି ଚଳଚ୍ଚିତ୍ରର ୱାଶିଂଟନ୍ ଡିସିଏମ୍ସି ମଣ୍ଟଗୋମେରି ସିକ୍କିନ୍ସାରେ ୱାର୍ଲ୍ଡ ଟିଭି ପ୍ରିମିୟର ଅନୁଷ୍ଠିତ ହୋଇଥିଲା । ଏହି ଚଳଚ୍ଚିତ୍ରରେ ଦୀପନ୍ୱିତ ଦାସ ମହାପାତ୍ର, ବର୍ଷା ପଟ୍ଟନାୟକ, ସିଦ୍ଧାନ୍ତ ମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ରୋଶନ୍ ବିଶୋଇ, ଦୀପକ ଉପାଧ୍ୟାୟ, ଶୀଲା ତ୍ରିପାଠୀ, ଅବକାଶ ମିଶ୍ର, ରୂପମ୍ବିକା ନାୟକ ପ୍ରମୁଖ ଅଭିନୟ କରିଛନ୍ତି ।

✧✧ **ଜୟ ଜଗନ୍ନାଥ :** ସତର ବର୍ଷ ତଳେ ସଙ୍ଗୀତକାର ଅକ୍ଷୟ ମହାନ୍ତି ଏହାର ସଙ୍ଗୀତ ସଜାଇଥିଲେ । ସିନେମା ନିର୍ମାଣ ବେଳକୁ ତାଙ୍କର ଦେହାନ୍ତ ହେଇଯାଇଥିଲା । ଶ୍ରୀଜଗନ୍ନାଥଙ୍କ ବିଷୟବସ୍ତୁକୁ ନେଇ ସିନେମା କରିବା ପାଇଁ ଯେତେ ଆକାଂକ୍ଷା ଓ ଉତ୍କଣ୍ଠା ଥିଲେ ବି ପ୍ରଯୋଜକ-ନିର୍ଦ୍ଦେଶକ ସବ୍ୟସାଚି ମହାପାତ୍ର ସାହସ ଜୁଟେଇ ପାରୁ ନ ଥିଲେ । ଶେଷରେ ମହାପ୍ରଭୁଙ୍କ କୃପା ହେଲା ଏବଂ ସିନେମାଟି ଆରମ୍ଭ ହେଲା । ମାର୍ଗଶୀର ମାସରେ ଧାନ ଶେର ବସେଇ ମା'ଲକ୍ଷୀଙ୍କୁ ଆବାହନ କଲାବେଳେ ଓଡ଼ିଶାର ଘରେ ଘରେ 'ଲକ୍ଷ୍ମୀପୁରାଣ' ପଢ଼ାଯାଏ । ସେଇ ପୁରାଣକୁ ନେଇ 'ଶ୍ରୀଜଗନ୍ନାଥ' ସିନେମାର କାହାଣୀ ରଚା ଯାଇଥିଲା । ଏଥିରେ ଉଭୟ ଓଡ଼ିଆ ଓ ହିନ୍ଦୀ ସିନେମାର କଳାକାରଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିଲା ।ଜଗନ୍ନାଥଙ୍କ ଭୂମିକାରେ ଶ୍ରୀତମ ଦାସ, ବଳରାମଙ୍କ ଭୂମିକାରେ ପିଣ୍ଟୁ ନନ୍ଦ ଏବଂ ମହାଲକ୍ଷ୍ମୀଙ୍କ ଭୂମିକାରେ ଥିଲେ ଜ୍ୟୋତି ମିଶ୍ର । କଳିଯୁଗେ ନାରାୟଣ, ଛାର ଫୁଲ ହେଇ ଲମ୍ବୁଛି ଗଳାରେ, ମହାଲକ୍ଷ୍ମୀ ମହାମାୟୀ ଜନନୀ, ଜୟ ମା' କମଳା ମା' କମଳିନୀ ପରି ଓଡ଼ିଆ ଗୀତ ସାଙ୍ଗକୁ ହିନ୍ଦୀ ଭାଷାରେ ତେରା କେସେ କରୁଁ ମେ ୟକିନ୍, ନଟ୍‌ଖଟ୍ ଯେ ସବ୍ ତୁମନେ କିୟା ହେ, ବଦନାମ ଲେକିନ୍ ନାରଦ ହୁଆ ହେ ଆଦି ଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ଏହା ଓଡ଼ିଆ ସମେତ ଦେଶର ୧୩ଟି ଆଞ୍ଚଳିକ ଭାଷାରେ ନିର୍ମିତ ହେଇଥିଲା।

✧✧ **ଶେଷ ଶ୍ରାବଣରୁ 'ନେୟା' :** ୧୯୭୯ ମସିହାରେ ପ୍ରଶାନ୍ତ ନନ୍ଦଙ୍କ ଚଳଚ୍ଚିତ୍ର 'ଶେଷ ଶ୍ରାବଣ' ହିନ୍ଦୀ ଭାଷାରେ ପୁନଃନିର୍ମିତ ହେଇ 'ନେୟା' ନାମରେ ମୁକ୍ତିଲାଭ କରିଥିଲା । 'ଶେଷ ଶ୍ରାବଣ'ରେ ମହାଶ୍ୱେତା ନାୟିକା ଥିବାବେଳେ 'ନେୟା'ରେ ଜରିନା ୱାହାବ ନାୟିକା ସାଜିଥିଲେ । ଏ ଦୁହିଁଙ୍କ ବ୍ୟତୀତ ବଳଦେବ ଖୋସା, ଲୀଳା ମିଶ୍ର, ଦୀନେଶ ହିଙ୍ଗୋ, ଅମରେଶ ପୁରୀ ଏବଂ ମହମ୍ମଦ ମହସିନ୍ ଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ସଙ୍ଗୀତ ସଜାଇଥିଲେ ରବୀନ୍ଦ୍ର ଜେନ ଏବଂ କଣ୍ଠଦାନ କରିଥିଲେ କେ.ଜେ ୟେସୁଦାସ, ହେମଲତା ଏବଂ ସୁରେଶ ୱାଡେକର । ଗୀତ ଗୁଡ଼ିକ ଥିଲା- ଓ ଗୋରିୟା ରେ, ବେରସ୍ବା ବେଦରଦୀ, ଉଁଚି ନିଚି ଲେହରୋଁ କେ, ମେରା ଯବାଁ ବନ୍ଧା ରୁପୟା ଓ ଗୀତାରାନୀ । ରାଜଶ୍ରୀ ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ ନନ୍ଦ ।

# ଉଚ୍ଚରକ୍ତଚାପ ନିୟନ୍ତ୍ରଣ କରେ ମୂଳା

ସାଲାଡ୍ ହେଉ କି ତରକାରୀ ଅଧିକାଂଶ ଲୋକେ ଏସବୁରେ ମୂଳା ପକାଇବାକୁ ପସନ୍ଦ କରନ୍ତି । ଏହାର ସେବନ ଦ୍ୱାରା କେବଳ ପାଟି ସୁଆଦ ବଢ଼ିଥାଏ ତା'ନୁହେଁ, ବରଂ ସ୍ୱାସ୍ଥ୍ୟଗତ ବିଭିନ୍ନ ସମସ୍ୟାରୁ ରକ୍ଷା ମିଳିଥାଏ । ମୂଳାରେ ପଟାସିୟମ୍, ଫୋଲେଟ୍, ରାବୋଫ୍ଲୋବିନ୍, ନାଇସିନ୍, ଭିଟାମିନ୍ କେ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ ବି-୬ ଭଳି ପୋଷକ ତତ୍ୱ ରହିଥାଏ । ଯାହା ସ୍ୱାସ୍ଥ୍ୟକୁ ଲାଭ ପହଞ୍ଚାାଇଥାଏ । ଏ ସମସ୍ତ ପୋଷକ ତତ୍ତ୍ୱ ଉଚ୍ଚରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ପାଚନ କ୍ରିୟା ସୁଦୃଢ଼ କରିଥାନ୍ତି । ତା'ସହ ରୋଗ ପ୍ରତିରୋଧକ କ୍ଷମତା ପାଇଁ ମୂଳା ବରଦାନ ଭଳି କାମ କରିଥାଏଛ ଦୈନନ୍ଦିନ ମୂଳା ଜୁସ୍ ସେବନ କଲେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ହୋଇଥାଏ ଏବଂ ଚର୍ମଜନିତ କୌଣସି ସଂକ୍ରମଣ ସମସ୍ୟା ଥିଲେ ତାହା ଦୂର ହୋଇଯାଏ । କେବଳ ସେତିକି ନୁହେଁ, ମୂଳା ସେବନ ଦ୍ୱାରା କ୍ୟାନସର୍ ଭଳି ପ୍ରାଣଘାତକ ରୋଗରୁ ମଧ୍ୟ ଆରୋଗ୍ୟ ମିଳିଥାଏ ।



# ରୂପି ସମସ୍ୟା ଦୂର ପାଇଁ ସରଳ ଉପାୟ

**ଶୀତଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯିବା ସହ ରୂପି ସଭିଁଙ୍କ ମୁଣ୍ଡ ବିନ୍ଧାର କାରଣ । ରୂପି କାରଣରୁ କେଶ କୁଣ୍ଡାଇବା ପାଇଁ ମଧ୍ୟ ସମସ୍ୟା ହୋଇଥାଏ । ତେବେ ଜାଣନ୍ତୁ ଏଭଳି କିଛି ସହଜ ଉପାୟ, ଯାହାକୁ ଆପଣାଇବା ଦ୍ୱାରା ରୂପି ପାଇଁ ଚିନ୍ତା ରହିବ ନାହିଁ ।**

- ରୂପି ସମସ୍ୟା ଦୂର ପାଇଁ ନିମ ପତ୍ର ଖୁବ ଉପକାରୀ । ବହୁ ପୁରାତନ ସମୟରେ ଏହାକୁ ବ୍ୟବହାର କରାଯାଉଛି । ଏହାର ଖୁବ ଔଷଧୀୟ ଗୁଣ ମଧ୍ୟ ରହିଛି । ଏଥିରେ ଆଣ୍ଟି-ଫଙ୍ଗଲ୍ ଓ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି । ଯାହା ରୂପି ସମସ୍ୟାକୁ ଦୂର କରିବାରେ ରାମବାଣ ଭଳି କାର୍ଯ୍ୟ କରେ । ରୂପି ଦୂର ପାଇଁ ନିମପତ୍ରକୁ ପେଷି ଦିଅନ୍ତୁ । ଏହାକୁ ୩୦ ମିନିଟ୍ ଯାଏଁ କେଶରେ ଲଗାଇ ରଖି କେଶକୁ ଧୋଇ ଦିଅନ୍ତୁ ।
- ସେଓ ସିରକାକୁ ପାଣିରେ ମିଶାଇ ରୂପି ସମସ୍ୟାକୁ ଦୂର କରାଯାଇପାରେ। ରୂପି ଦୂର ପାଇଁ ପାଣିରେ ସେଓ ସିରକା ମିଶାଇ କେଶରେ ଲଗାଇ ୫ ମିନିଟ ରଖି ଧୋଇ ଦିଅନ୍ତୁ ।
- ନଡିଆ ତେଲ କେଶ ପାଇଁ ଖୁବ ଉପକାରୀ । ରୂପି ଦୂର ପାଇଁ ନଡିଆ ତେଲରେ ଲେମ୍ବୁ ରସ ମିଶାଇ ୧୦ ରୁ ୧୫ ମିନିଟ୍ କେଶରେ ଲଗାଇ ରଖି ଧୋଇ ଦିଅନ୍ତୁ । ଏହା ରୂପି ସମସ୍ୟାକୁ ଦୂର କରିଥାଏ ।
- କେଶରୁ ରୂପି ସମସ୍ୟାକୁ ଦୂର ପାଇଁ ଦହି ମଧ୍ୟ ବେଶ ଉପକାରୀ । ଦହିକୁ କେଶ ମୂଳରେ ଭଲ ଭାବେ ଲଗାଇ ଦିଅନ୍ତୁ । ୨୦ ରୁ ୨୫ ମିନିଟ ଯାଏଁ କେଶରେ ଲଗାଇ ରଖି ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହା ଦ୍ୱାରା କେଶରୁ ରୂପି ଦୂର ହୋଇଥାଏ । ଏହାସହ କେଶ ରେଶମୀ ମଧ୍ୟ ହୋଇଥାଏ ।
- ଘିକୁଆଁରୀରେ ଆଣ୍ଟି-ବ୍ୟାକ୍ଟେରିୟଲ ଓ ଆଣ୍ଟି-ଫଙ୍ଗଲ୍ ଗୁଣ ରହିଛି । ଏହା କେଶରୁ ରୂପି ଦୂର କରିବାକୁ ବେଶ ସହାୟକ ହୋଇଥାଏ । ଘିକୁଆଁରୀ ରସକୁ କେଶ ମୂଳରେ ଲଗାଇ ୧୫ ରୁ ୨୦ ମିନିଟ୍ ଯାଏଁ ରଖନ୍ତୁ । ଏହାପରେ କେଶକୁ ଧୋଇ ଦିଅନ୍ତୁ ।



THE AADHAR ODISHA
ଆଧାର ଓଡ଼ିଶା

# ରାଜ୍ୟରେ ଆଇନ ଶୃଙ୍ଖଳା ବନାମ କେନ୍ଦ୍ର ଅବହେଳା

ଭୁବନେଶ୍ୱର: ଆଇନ ଶୃଙ୍ଖଳା ବନାମ କେନ୍ଦ୍ର ଅବେହଳା । ବିଜେପି-ବିଜେଡି ମଧ୍ୟରେ ଟକ୍କର । ଚାଉଳ ପ୍ରସଙ୍ଗରେ କେନ୍ଦ୍ର ବିରୋଧରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିବା ବେଳେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଆନ୍ଦୋଳନକୁ ଓହ୍ଲାଇଛି ବିଜେପି । ବିଜେଡି ଧାନକିଣା ଏବଂ ଚାଉଳକୁ ପ୍ରସଙ୍ଗ କରି କେନ୍ଦ୍ର ବିରୋଧରେ ପ୍ରତିବାଦ କରିଥିବା ବେଳେ ସେପଟେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେପି ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛି । ନବଦାସ ହତ୍ୟାକାଣ୍ଡ, ର୍ତିଭୋଲ ବିଧାୟକଙ୍କ ନାଁରେ ଆସିଥିବା ପ୍ରତାରଣା ଓ ସେକ୍ସ ରାକେଟ୍ ଚଳାଇବା ଅଭିଯୋଗ, ବାଲେଶ୍ୱରରେ ଉପଜିଲ୍ଲାପାଳଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଭଳି ଅନେକ ପ୍ରସଙ୍କ ନେଇ ରାଜ ରାସ୍ତାକୁ ଓହ୍ଲାଇଛି ବିଜେପି । ଆଇନ ଶୃଙ୍ଖଳା ସ୍ଥିତିର ଅଧୋଗତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ବିଜେପି ନେତା । ମୁଖ୍ୟମନ୍ତ୍ରୀ ନିଜେ ଗୃହ ମନ୍ତ୍ରୀ ଭାବେ ୨୩ ବର୍ଷ ହେଲା ରହିଛନ୍ତି । ଆଇନ ଶୃଙ୍ଖଳା ସ୍ଥିତି ବିଗୁଡୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେପି ।

ବିଜେପିର ଆନ୍ଦୋଳନକୁ କାଉଣ୍ଟର କରିବାକୁ ବିଜେଡି ଆଜି ରାଜଭବନ ଆଗରେ ଧାରଣା ଦେଇଥିଲା । ଦଳର



ବିଧାୟକ ଓ ନେତାମାନେ ଶୋଭଯାତ୍ରା କରି ଧାରଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ହିତାଧିକାରୀଙ୍କ ୫ କିଲୋ ଲେଖାଏଁ ଚାଉଳ କାଟିବା, ଧାନ କିଣା କ୍ଷେତ୍ରରେ କେନ୍ଦ୍ର ବଜେଟ୍‌ରେ ୨୦ ହଜାର କୋଟି ଟଙ୍କା କମ୍ ବ୍ୟୟବରାଦ ହେବା, ଉଷୁନା ଚାଉଳ ଉଠାଣ କୋଟା କମାଇବା, ଧାନ ସଂଗ୍ରହ ବାବଦକୁ ବାକି ଥିବା ୧୪ଶହ କୋଟି ସବ୍ ସିଡି କେନ୍ଦ୍ର ଦେଉନଥିବା ପ୍ରତିବାଦ କରି ବିଜେଡି ରାସ୍ତାକୁ ଓହ୍ଲାଇଥିଲା । ପରେ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଥିଲା ବିଜେଡି । ତେବେ ଚାଉଳ ଶ୍ରେୟ ବନ୍ଦ ହୋଇଯିବା ପରେ ଏହା ଶାସକ ଦଳର ଶସ୍ତା ରାଜନୀତି ବୋଲି ଅଭିଯୋଗ ହୋଇଛି । ଗୋଟିଏ ପଟେ କେନ୍ଦ୍ର ଅବହେଳା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅତିରିକ୍ତ ୫ କେଜି ଚାଉଳକୁ ପୁଣି ଦେବା ଲାଗି ଦାବି କରୁଛି ବିଜେଡି । କିନ୍ତୁ ଅନ୍ୟପଟେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଅତିରିକ୍ତ ୫ କେଜି ଚାଉଳକୁ କାହିଁକି ବନ୍ଦ କରିଦିଆଗଲା ବୋଲି ପ୍ରଶ୍ନ କଲେ ନେତାଙ୍କ ପାଖେ ଉତ୍ତର ନାହିଁ । ଏନେଇ ପ୍ରଶ୍ନ ପଚାରିଲେ ବିଜେଡି ନେତା ଉତ୍ତର ନଦେଇ ଥ ଥ ମ ମ ହୋଇଯାଉଥିବା ଦେଖିବାକୁ ମିଳିଛି ।

## ଲୋକଙ୍କୁ ମିଳୁନି: ମାଟିତଳେ ପିଡିଏସ୍ ଚାଉଳ

ସୁନ୍ଦରଗଡ଼: ମାଟି ତଳେ ପୋତା ହୋଇଛି ବସ୍ତା ବସ୍ତା ପିଡ଼ିଏସ ଚାଉଳ । ଗରୀବ ଖଟିଖିଆଙ୍କ ପେଟରେ ଦାନା ଦେବାକୁ ସରକାର ପିଡ଼ିଏସ ଚାଉଳ ଯୋଗାଉଥିବା ବେଳେ ମାଟି ତଳୁ ଓ ଟାଙ୍କି ଭିତରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ ମିଳୁଛି । ତାହା ପୁଣି ପଞ୍ଚାୟତ ଅଫିସ ପରିସରରୁ । ଅନେକ ହିତାଧିକାରୀଙ୍କ ପାଖରେ ପିଡିଏସ ଚାଉଳ ପହଞ୍ଚି ପାରୁନଥିବା ବେଳେ ସୁନ୍ଦରଗଡ ଜିଲ୍ଲା ବଣାଇ ଉପଖଣ୍ଡ ବଡ଼ ଗୋଗୁଆ ପଞ୍ଚାୟତ ଅଫିସ ପଛପଟେ ଚାଉଳ ପୋତା ହୋଇଥିବାର ଦେଖିବାକୁ ମିଳିଛି । ସରକାରୀ ଚାଉଳ ହଡପ ପାଇଁ ଏପରି କରାଯାଇଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ବଡ ଗୋଗୁଆ ପଞ୍ଚାୟତ ଅଫିସ ପଛପଟେ ଟାଙ୍କିରେ ଚାଉଳ ପୋତା ହୋଇଥିବାର କିଛି ଲୋକେ ଦେଖିବାକୁ ପାଇଥିଲେ । ଏହାପରେ ମାଟି ଆଡେଇବାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ ପୋତା ହୋଇଥିବାର ନଜର ଆସିଥିଲା । ତେବେ ବାଟମାରଣା ହେଉଛି କି ପିଡ଼ିଏସ ଚାଉଳ ? କେଉଁଥିପାଇଁ ଟାଙ୍କି ଏବଂ ବାଲି ଭିତରେ



ବସ୍ତା ବସ୍ତା ଚାଉଳ ପୋତା ଯାଇଛି ? କାହା ନିର୍ଦ୍ଦେଶରେ ଓ କିଏ ଚାଉଳ ପୋତିଛି ? ଏହି ଦୃଶ୍ୟ ଦେଖିବା ପରେ ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରିଛି ।

ଗୋଟିଏପଟେ ହିତାଧିକାରୀମାନଙ୍କୁ ଚାଉଳ ଠିକ ଭାବରେ ମିଳୁ ନଥିବା ବେଳେ ଅନ୍ୟପଟେ ହିତାଧିକାରୀଙ୍କ ପାଇଁ ଆସିଥିବା ଚାଉଳକୁ ପଞ୍ଚାୟତ ଅଫିସ ପଛପଟେ ମାଟି ତଳେ ଓ ଟାଙ୍କି ପୋତାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଛି । ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଏନେଇ ପଚରାଯିବାରୁ ସେ ଏ ବାବଦରେ କିଛି ଜାଣିନଥିବା ଏବଂ ଘଟଣା ସମ୍ପର୍କରେ ତାଙ୍କୁ ସମ୍ପୃକ୍ତ ନିରୀକ୍ଷକ କିମ୍ବା ସହାୟକ ଯୋଗାଣ ଅଧିକାରୀ ଅବଗତ କରିନଥିବା କହିଛନ୍ତି ।

ତେବେ ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, ଏହି ଟାଙ୍କି ଭିତରେ ଏବଂ ବାଲି ଭିତରେ କ'ଣ କରୁଛି ବସ୍ତା ବସ୍ତା ପିଡ଼ିଏସ ଚାଉଳ । କେଉଁ କାରଣରୁ ପଡି ରହିଛି ଚାଉଳ । ଚାଉଳ ଖରାପ ହୋଇଛି ନା ସରକାରୀ ଚାଉଳ ବାଟ ମାରଣା କରିବା ପାଇଁ ଚାଲିଛି ଷଡଯନ୍ତ୍ର । ଯଦି ଓ ଖରାପ ଚାଉଳକୁ ନଷ୍ଟ କରାଯାଇଛି ତେବେ ହିତାଧିକାରୀଙ୍କ ପାଖରେ କାହିଁକି ପହଞ୍ଚି ପାରିନାହିଁ ନା ହିତାଧିକାରୀଙ୍କୁ ଚାଉଳ ପାଇବାରୁ ବଞ୍ଚିତ କରାଯାଇ ଏହାର ବାଟ ମାରଣା କରାଯାଉଛି । ହିତାଧିକାରୀଙ୍କ ସଂଖ୍ୟା ଠାରୁ ଅଧିକ ପିଡ଼ିଏସ ଚାଉଳ ଆସୁଛି ନା ଚାଉଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅନ୍ୟପଟେ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ଲୋକେ । କିଏ ଓ କାହିଁକି ଏତେ ପରିମାଣର ଚାଉଳ ପୋତିଛି ତାହାର ଯାଞ୍ଚ କରାଯିବାକୁ ଦାବି ହୋଇଛି ।

**ଆଠଗଡ଼ ବନଖଣ୍ଡ**

## ୩ ବର୍ଷରେ ଗଲାଣି ୨୨ହାତୀଙ୍କ ଜୀବନ

ଆଠଗଡ଼ : ଆଠଗଡ଼ ଫରେଷ୍ଟ ରେଞ୍ଜ ତଥା ତିଗିରିଆ ବନ ବିଭାଗ ଅଧୀନ ଜେନାପଦା ବିଟ୍ର ନୂଆବନ୍ଧ କାଜୁ ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି । ମୃତ ହାତୀର ବୟସ ପ୍ରାୟ ୨୦ ବର୍ଷ ହେବ ବୋଲି ଆକଳନ କରାଯାଉଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଡିଏଫ୍ଓ, ରେଞ୍ଜ ଅଫିସର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ଘଟିଛି ବୋଲି ଶବ ବ୍ୟବଚ୍ଛେଦ ପରେ ଆଠଗଡ଼ ପ୍ରାଣୀ ଚିକିତ୍ସକ ସୂଚନା ଦେଇଛନ୍ତି ।

ସୂଚନା ମୁତାବକ, ତିଗିରିଆ ବନାଞ୍ଚଳର ନୂଆବନ୍ଧ, ଖୁଣ୍ଟକଟା, ରେଗେଡ଼ା ଅଞ୍ଚଳରେ ଚାରି ଦିନ ହେଲା ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା । ଏହି ହାତୀ ଅଞ୍ଚଳର ଚାଷଜମିରେ ପଶି ପସଲ ନଷ୍ଟ କରୁଥିବା ନେଇ ଅଞ୍ଚଳବାସୀ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କେଣସି ପଦକ୍ଷେପ ନିଆଯାଇ ନ ଥିଲା । ଅନ୍ୟପଟେ, ନୂଆବନ୍ଧ କାଜୁ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ କେତେକ ବ୍ୟକ୍ତି ବାର୍ହା ଶିକାର ପାଇଁ ବିଦ୍ୟୁତ୍ ସଂଯୋଗ କରିଥିଲେ । ଫସଲ ଖାଇବା ପାଇଁ ଆସିଥିବା ଏହି ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା । ଫଳରେ ହାତୀଟିର ଶୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ ଅଧା କଟି ଯାଇଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ହିଁ ହାତୀଟିର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବନ ବିଭାଗ ଅଧିକାରୀ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଥିଲେ । ବ୍ୟବଚ୍ଛେଦ ପରେ ହାତୀଟିକୁ ଘଟଣାସ୍ଥଳରେ ପୋତି ଦିଆଯାଇଛି । ଏଥିସହ ହାତୀର ଦାନ୍ତ ବନ ବିଭାଗ ନିଜ ହେପାଜତକୁ ନେଇଛି ।

ଆଠଗଡ଼ ବନ ଖଣ୍ଡରେ ଏଭଳି ହାତୀ ମୃତ୍ୟୁ ଏବେ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି । ୨୦୨୩ର ପ୍ରଥମ ଦେଢ ମାସରେ ଦୁଇଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗଲା ୩ ବର୍ଷରେ ବନଖଣ୍ଡରେ ହାତୀ ମୃତ୍ୟୁ ସଂଖ୍ୟା ୨୨ ଛୁଇଁଛି । ତଥ୍ୟ ଅନୁଯାୟୀ ଆଠଗଡ଼ ବନଖଣ୍ଡ ଅଞ୍ଚଳରେ ଏବେ ୭୦ରୁ ଅଧିକ ହାତୀ ଅଛନ୍ତି । କେତେବେଳେ ଦୁର୍ଘଟଣା ଜନିତ ମୃତ୍ୟୁ ତ କେତେବେଳେ ଶିକାରରେ ହାତୀଙ୍କ ଜୀବନ ଯାଉଛି । ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲାର ବିଚାର ହେବା ଏବଂ ହାତୀଙ୍କ ସୁରକ୍ଷା ପାଇଁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ସ୍ଥିତି ନ ସୁଧୁରିବା ଘଟଣା ଉଦ୍ବେଗଜନକ ସ୍ଥିତି ସୃଷ୍ଟି କରିଛି ।

**ଶିକ୍ଷା**

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



## Correction of Errors

Wrong : Devendra has been ill from childhood.
Right : Devendra has been ill since childhood.
Wrong : Students of this class are not fond of cricket.
Right : The students of this class are not fond of Cricket.
Wrong : Nobody forgets his childhood.
Right : Nobody forgets their childhood.(notionally plural)
Wrong : He said that honesty was the best policy.
Right : He said that honesty is the best policy.(in case of proverbs ,no change of tense in Reported Speech)
Wrong : The house is in fire.
Right : The house is on fire.
Wrong : Dhanei flows near Polasara.
Right : The Dhanei flows near Polasara.
Wrong : She is a Keralean.
Right : She is a Keralite.
Wrong : This bench is made in steel.
Right : This bench is made of Steel.
Wrong : Curd is made of milk.
Right : Curd is made from milk.(milk product)
Wrong : You have not attended the meeting held on 4th April in the auditorium in the late evening.
Right : You haven't attended the meeting held in the auditorium in the late evening on 4th April.(adverb of place, adverb of exact time, adverb of general time should be the order of adverbs that follow the verb 'held')

# ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା

ରାୟଗଡା: ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା ସମ୍ମନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଅଙ୍ଗନବାଡି କର୍ମୀ ଚୟନ ନିଯୁକ୍ତିରେ ଅନିୟମିତତା ହୋଇଥିବା ଜଣାପଡିଛି । ୩ଟି ଗାଁ ମାନଚିତ୍ରରୁ ବାଦ ପଡିଛି । କଲ୍ୟାଣସିଂହପୁର ସଦରରେ ଥିବା କଂସାରୀଖାଲ, ଜାମ୍ବପଦର, କେଶବନାଇଗୁଡା, ଘାଗୁଡିମାଳ ଓ ଲୋହରା ସାହି ପାଇଁ ମିନି ଅଙ୍ଗନବାଡି ସକାଶେ ୨୦୨୧ ମସିହା ଜୁଲାଇ ୧୪ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିପାଇଁ ୫ଟି ଗାଁ ଓ ପଞ୍ଚାୟତର କିଛି ଯୁବତୀ ଆବେଦନ କରିଥିଲେ । ଏହି ନିଯୁକ୍ତି ଚୟନରେ ପୂର୍ବତନ ସିଡିପିଓ ଓ ସୁପରଭାଇଜର ବ୍ୟାପକ ଅନିୟମିତତା କରିବା ସହ ସରକାରଙ୍କ ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି ୫ଖଣ୍ଡ ଗାଁର ଆବେଦନ କରିଥିବା ଯୁବତୀଙ୍କ ମଧ୍ୟରୁ ମାତ୍ର ଦୁଇଟି ଗାଁ



ଘାଗୁଡିମାଳ ଓ ଲୋହରାସାହିକୁ ମିନି ଅଙ୍ଗନବାଡି କେନ୍ଦ୍ର ଭାବେ ଦୁଇ ବର୍ଷ ଧରି ମନମାନି କରିଆସୁଛନ୍ତି ।

କଂସାରୀଖାଲ, ଜାମ୍ବପଦର ଓ କେଶବନାଇଗୁଡା ଗାଁକୁ ମିନି ଅଙ୍ଗନବାଡି କେନ୍ଦ୍ରରୁ ସମ୍ପୂର୍ଣ୍ଣ ବାଦ ପଡିଛି । ଉକ୍ତ ଅଙ୍ଗନବାଡି ଚୟନରେ ଘାଗୁଡିମାଳ ଗାଁର ନିଶା କର୍ଷିକା ଅଙ୍ଗନବାଡି କର୍ମୀ ପାଇଁ ଆବେଦନ କରିଥିଲେ ମଧ୍ୟ ସିଡିପିଓ ଓ ସୁପରଭାଇଜର ଚଞ୍ଚକତା କରି ନିଶା ସେବାକ୍ଷେତ୍ର ମଧ୍ୟରେ ରହୁନଥିବା କହି ନିଯୁକ୍ତିରୁ ବାଦ ଦେଇ ଉକ୍ତ ପଞ୍ଚାୟତର ହାଟପଙ୍ଗା ଗାଁର ସଂଗୀତା କୁନାକାଙ୍କୁ ଚୟନ କରାଯାଇଥିବା ନେଇ ନିଶା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ପ୍ରକଷ୍ଟରେ ଅଭିଯୋଗ କରିଛନ୍ତି । ପୂର୍ବତନ ସିଡିପିଓ ଇତି ମଧ୍ୟରେ ଚାକିରୀରୁ ଅବସର ନେଇଥିବା ବେଳେ ସୁପରଭାଇଜରଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି । ଯାହା ଫଳରେ ଏହି ଚଞ୍ଚକତା ଲୁଚିରହିଛି । ଏହି ଘଟଣାକୁ ନେଇ ନିଶା କର୍ଷିକା ଜିଲାପାଳଙ୍କ ଯୁଗ୍ମ ଶୁଣାଣିରେ ଅଭିଯୋଗ କରିବା ପରେ ନବ ନିଯୁକ୍ତ ସିଡିପିଓ ମମତା ରାଣୀ ଦାସଙ୍କୁ ପଚାରିବାରୁ ଘଟଣାର ପ୍ରକୃତ ତଥ୍ୟ ଜଣାପଡିଛି । ଦୁଇ ବର୍ଷ ହେବ ନବନିଯୁକ୍ତି ଅଙ୍ଗନବାଡି କର୍ମୀ ସଙ୍ଗୀତା କୁନାକା କେବଳ ଘାଗୁଡିମାଳ ଓ ଲୋହରାସାହି ଦୁଇ ଗାଁକୁ ନେଇ ସେ ନିଯୁକ୍ତି ହୋଇଥିବା ଘଟଣା ସାମ୍ନାକୁ ଆସିଛି ।

# ପାଇକମାଳରେ ହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବରଗଡ଼: ବରଗଡ଼ ଜିଲା ପାଇକମାଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ଉନ୍ନୀତ କରାଯାଇଛି । ପାଇକମାଳ ଅଞ୍ଚଳର ଜନସାଧାରଣଙ୍କ ବହୁ ଦିନର ଦାବି ପୂରଣ ହୋଇଛି । ସୂଚନା ଯୋଗ୍ୟ ଯେ ଗତ ଉପନିର୍ବାଚନ ସମୟରେ ପାଇକମାଳର ଜନତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପାଇକମାଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବା ପାଇଁ ଦାବୀ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବିକୁ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ସେଠାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆହୁରି ଉନ୍ନତି ହେବା ସହିତ ଜନସାଧାରଣଙ୍କୁ ଅଧିକ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ଅଧିକ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତ ହେବେ । ପାଇକମାଳର ଜନସାଧାରଣ ସେ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ଦୀର୍ଘ ଦିନ ହେଲା ଦାବି କରିଆସୁଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଖାକିରେ ଅପରାଧ:...

ଜଣ ପୋଲିସ୍ ବାବୁ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।

ବିଶେଷଜ୍ଞଙ୍କ ମତରେ ପୋଲିସ୍‌ର ତଦନ୍ତ ଖୋଦ୍ ପୋଲିସ୍ କରୁଥିବାରୁ ଖସିଯିବାର ସମ୍ଭାବନା ରେ ଅଧିକ । ପୋଲିସ୍ ନିଜେ ପୋଲିସ୍ ବିରୋଧରେ ତଦନ୍ତ କଲାବେଳେ ସାକ୍ଷୀଙ୍କୁ ସିଆରପିସିର ଧାରା ୧୬୧ରେ ବୟାନ ରେକର୍ଡ ଠିକ୍ ଭାବେ କରୁନାହିଁ । ଚାର୍ଜସିଟ୍‌ରେ ଜବତ ତାଲିକା ସମ୍ପର୍କରେ ପୋଲିସ୍ ସ୍ପଷ୍ଟ କରୁନାହିଁ । ଯାହା ଫଳରେ ଅଭିଯୁକ୍ତ ପୋଲିସ୍ ଅଦାଲତରେ ପ୍ରମାଣ ଅଭାବରୁ ଦୋଷୀ ସାବ୍ୟସ୍ତ ହୋଇପାରୁ ନାହିଁ । ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦେଇ ପୋଲିସ୍ ବାବୁଙ୍କ ଅପରାଧର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବା ସହ ଅପରାଧର ମାତ୍ରା ମଧ୍ୟ କମିପାରନ୍ତା ।

### ଦେବ୍ରିଗଡ଼କୁ ମିଳିଲା...

କିନ୍ତୁ , ୨୦୨୨ରେ ପୁଣି ଏକ ଯୁବ ଅଣ୍ଡିରା ମହାବଳ ବାଘ ଆସି ଏହି ଅଭୟାରଣ୍ୟରେ ପ୍ରବେଶ କରିଛି ଓ ଆସ୍ଥାନ ଜମାଇଛି । ଏହାର ପରେପରେ ଏନ୍‌ଟିସିଏ ଏହି ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପଭାବେ ମଞ୍ଜୁରି ଦେଇଛି ।

୨୦୧୮ ମସିହାରେ ରାଜ୍ୟ ସରକାର କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣଙ୍କୁ ଲିଖିତ ଭାବରେ ଦେବ୍ରିଗଡ଼ ଅଭୟାରଣ୍ୟ ସହ ସଂଲଗ୍ନ ବୁଢ଼ାରାଜ ସରାଇଦାମାକ ସଂରକ୍ଷିତ ଜଙ୍ଗଲ ଓ ଦେଚୁଆଁ ସଂରକ୍ଷିତ ଜଙ୍ଗଲକୁ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲ ଭାବରେ ଘୋଷଣା କରିବାକୁ ଦାବି କରିଥିଲେ । ଏହି ଦାବିକୁ କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣମ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ଘୋଷଣାନାମା ବଳରେ ବର୍ତ୍ତମାନ ଦେବ୍ରିଗଡ଼ ଅଭୟାରଣ୍ୟ ଜାତୀୟ ମାନଚିତ୍ରରେ ଏକ ଟାଇଗର ରଜର୍ଭ ଭାବରେ ସ୍ଥାନ ପାଇବ । ଏହାଦ୍ୱାରା ଏଠାରେ ପର୍ଯ୍ୟଟକ ସଂଖ୍ୟାରେ ବ୍ୟାପକ ବୃଦ୍ଧି ହେବା ସାଙ୍ଗକୁ ଏହା ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଅଧିକ ହୋଟେଲ୍, ଟ୍ରାଭେଲ୍ ଏଜେନ୍ସି ଏବଂ ଚାକିରି ସୁଯୋଗ ବୃଦ୍ଧି ପାଇବ । କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଅଧିକ ଅର୍ଥ ଯୋଗାଇଦେଇ ସ୍ଥାନୀୟ ଯୁବକମାନଙ୍କୁ ବିଭିନ୍ନ ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ କରିବାରେ ସାହାଯ୍ୟ କରିବ । ଏଠାରେ ସୂଚନାଥାଉକି, ଦେବ୍ରିଗଡ଼ ଅଭୟାରଣ୍ୟରେ ପ୍ରତି ବର୍ଗ କିଲୋମିଟରେ ୩୮ ରୁ ୪୦ ପ୍ରାଣୀ ରହିଛନ୍ତି । ସମ୍ବର, ଯାହା ବାଘଙ୍କ ପାଇଁ ପ୍ରିୟ ଶିକାର ଏଠାର ବହୁ ପରିମାଣର ଅଛନ୍ତି । ସେହିପରି ହରିଣ, ଜଙ୍ଗଲି ଘୁଷୁରୀ, ବାରାହା, ବଣ ମଇଁଷି ସଂଖ୍ୟା ବହୁତ ଅଧିକ । ଦେବ୍ରିଗଡ଼ର ଗୋଟିଏ ପଟେ ଛତିଶଗଡ଼ ଉଦନ୍ତୀ, ସୀନାତାଡ଼ି ଟାଇଗର ରିଜର୍ଭ ଏବଂ ଅଚାନକମାର ଟାଇଗର ରିଜର୍ଭ, ତେଲେଙ୍ଗାନାର କାୱାଲ ଟାଇଗର ରିଜର୍ଭ ଏବଂ ଅନ୍ୟ ପାର୍ଶ୍ୱରେ ଓଡ଼ିଶାର ସୁନାବେଡ଼ା ଓ ସାତକୋଶିଆ ସହିତ ସଂଯୁକ୍ତ ।

### ଜୟନାରାୟଣ ମିଶ୍ରଙ୍କ ...

ଗିରଫ ପାଇଁ ଦାବିପତ୍ର ଦେଇଛନ୍ତି । ପୋଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଦିଆଯାଇଥିବା ଜଣାପଡ଼ିଛି । ବିରୋଧୀ ଦଳ ନେତା ପଦରେ ଅଧିଷ୍ଠିତ ଜଣେ ବରିଷ୍ଠ ନେତା କାର୍ଯ୍ୟରତ ଜଣେ ମହିଳା ଆଇଆଇସିଙ୍କୁ ହାତ ଉଠାଇବା ଘଟଣାକୁ ବିଭିନ୍ନ ମହଲରେ ମଧ୍ୟ ନାପସନ୍ଦ କରାଯାଇଛି ।

ତେବେ ଏହି ଘଟଣା ପରେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ସାଂଘାତିକ ଅଭିଯୋଗ କରିଛନ୍ତି । ତାଙ୍କୁ ହତ୍ୟା ପାଇଁ ରାଜ୍ୟ ସରକାର ବଡ଼ ଚକ୍ରାନ୍ତ କହିଛନ୍ତି ବୋଲି କହିଛନ୍ତି । ମନ୍ତ୍ରୀ ନବ ଦାସ ହତ୍ୟା ପ୍ରସଙ୍ଗରେ ଗୋଟିଏ ପରେ ଗୋଟିଏ ସରକାରୀ ଷଡ଼ଯନ୍ତ୍ର ପଦାକୁ ଆଣୁଥିବାରୁ, ସରକାର ଉତ୍‌କ୍ଷିପ୍ତ ହୋଇ ପଡ଼ିଥିବା କହିଛନ୍ତି ଜୟନାରାୟଣ । ତେବେ ଏସବୁ ଘଟଣା ଦେଖି ଜୟନାରାୟଣ ଆହୁରି ମଧ୍ୟ କହିଛନ୍ତି ଯଦି ମୁଁ ସର୍କିଟ୍ ହାଉସ୍‌ରେ ଥିବା ଜାଣି ବିଜେଡି କର୍ମୀ ସେଠିକୁ ଯାଇଥିଲେ, ସେଠି ମୁଁ ଥିଲେ ମୋ ଅବସ୍ଥା କଣ ହୋଇଥାନ୍ତା । ସେପଟେ ବିଜେଡି ନେତ୍ରୀ ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଜଣେ ଥାନା ଆଇଆଇସିଙ୍କୁ ଜୟନାରାୟଣଙ୍କ ଅଗଣତାନ୍ତ୍ରିକ ଆଚରଣ ବିରୋଧରେ ପ୍ରତିବାଦ ଜଣାଇବାକୁ ବିଜେଡି କର୍ମୀମାନେ ସ୍ୱତଃ ପ୍ରବୃତ୍ତ ଭାବେ ଆସିଥିଲେ ।

ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଶାସକ ଦଳ ପୋଲିସ୍ ଲଗାଇ ପ୍ରାୟୋଜିତ ଭାବେ ଜୟ ନାରାୟଣ ମିଶ୍ରଙ୍କୁ ଟାର୍ଗେଟ୍ କରୁଛି । ଟ୍ୱିଟ୍‌ର ଏହାର ଜବାବ ଦେଇଛନ୍ତି ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ । ବିଜେପି ରାଜ୍ୟ ସଭାପତିଙ୍କୁ ଜୟ ନାରାୟଣ ଦିନେ ଚପଲରେ ମାରି ରକ୍ତାକ୍ତ କରିଥିଲେ ବୋଲି ସ୍ମରଣ କରାଇଛନ୍ତି ପ୍ରଣବ । ସେପଟେ ପିସିସି ସଭାପତି କହିଛନ୍ତି, ବିରୋଧୀ ଦଳ ନେତା ସରକାରଙ୍କୁ ବିରୋଧ କରିବା ସ୍ୱାଭାବିକ କଥା । ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ।

### ବେଙ୍ଗାଲୁରୁ ବିଶ୍ୱର ...

ତାଲିକାର ୩୪ତମ ସ୍ଥାନରେ ଥିବାବେଳେ ମୁମ୍ବାଇ ୪୭ତମ ସ୍ଥାନରେ ରହିଛି ।

କିନ୍ତୁ ମେଟ୍ରୋ ଅଞ୍ଚଳ ବର୍ଗରେ ତାଲିକାରେ ଟିକେ ପାର୍ଥକ୍ୟ ରହିଛି । ବୋଗୋଟାରେ ଟ୍ରାଫିକ୍ ସମସ୍ୟା ସବୁଠୁ ଅଧିକ ଥିବାବେଳେ ଏହା ପଛକୁ ମାନିଲା, ସାପୁରୁ, ଲିମା, ବେଙ୍ଗାଲୁରୁ, ମୁମ୍ବାଇ, ନାଗୋୟା, ପୁନେ, ଟୋକିଓ ଏବଂ ବୁକାରେଷ୍ଟ ରହିଛି । ମହାନଗର ଅଞ୍ଚଳ ମଧ୍ୟରେ ବେଙ୍ଗାଲୁରୁରେ ୧୦ କିମି ଯାତ୍ରା ପାଇଁ ହାରାହାରି ୨୩ ମିନିଟ୍ ୪୦ ସେକେଣ୍ଡ୍ ରହିଛି । ୨୦୨୦ରେ ଉକ୍ତ ତାଲିକାରେ ବେଙ୍ଗାଲୁରୁ ଷଷ୍ଠ ସ୍ଥାନରେ ଥିବାବେଳେ ୨୦୨୧ରେ ଦଶମ ସ୍ଥାନରେ ରହିଥିଲା । ବେଙ୍ଗାଲୁରୁ ସିଟି ସେଣ୍ଟର୍‌ରେ ଯାତାୟାତ ପାଇଁ ୨୦୨୨ରେ ସବୁଠୁ ଖରାପ ଦିନ ଅକ୍ଟୋବର ୧୫(ଶନିବାର) ଥିଲା । ସେହିଦିନ ଜଣେ ବ୍ୟକ୍ତିଙ୍କୁ ୧୦ କିମି ଯାତ୍ରା କରିବା ପାଇଁ ହାରାହାରି ୩୩ ମିନିଟ ୫୦ ସେକେଣ୍ଡ୍ ଲାଗିଥିଲା । ଶୁକ୍ରବାରର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଟ୍ରାଫିକ୍ ଭିଡ଼ ସବୁଠୁ ଅଧିକ ରହିଛି । ୧୦ କିମି ପାଇଁ ହାରାହାରି ୩୭ ମିନିଟ ୨୦ ସେକେଣ୍ଡ୍ ଲାଗିଛି ।

# ଦୂରତା ସୂଚନାଫଳକ ପ୍ରତି ବିଭାଗର ନିଘା ନାହିଁ



ରାୟଗଡା: ରାୟଗଡା ଜିଲା ରାମନାଗୁଡା ମୁଖ୍ୟ ବଜାରରେ ଗତ କିଛି ଦିନ ତଳେ ଅନ୍ୟ ସହରର ଦୂରତା ଜାଣିବା ନିମନ୍ତେ ଏକ ପିଲର ନିର୍ମାଣ କରି ଉପରି ଭାଗରେ ପୂର୍ତ୍ତ ବିଭାଗ ପକ୍ଷରୁ ଦୂରତା ହୋର୍ଡିଂ ଲଗା ଯାଇଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଲଗାଇବାର କମ ଦିନ ମଧ୍ୟରେ ଉକ୍ତ ହୋର୍ଡିଂଟି ଚିରି ଯାଇ ନଷ୍ଟ ହୋଇଯାଇଛି । ଏହା ଜାତୀୟ ରାଜପଥ ହୋଇଥିବା ସତ୍ତ୍ୱେ ମାଳ ମାଳ ନେତା ମନ୍ତ୍ରୀ ଓ ଜିଲାସ୍ତରୀୟ ଅଧିକାରୀ କାହାରି ଏଥିପ୍ରତି ଦୃଷ୍ଟି ନଥିବା ଅଭିଯୋଗ ହେଉଛି । ଏହି ଚିରି ଯାଇଥିବା ଦୂରତା ସୂଚନା ଫଳକର ହୋର୍ଡିଂ ଉପରେ ପ୍ରଶାସନର ନଜର ପଡୁଛି କି ନାହିଁ ତାହା ଏବେ ସନ୍ଦେହ ଘେରରେ । ରାମନାଗୁଡାରେ ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ଅଛି କିନ୍ତୁ ଯନ୍ତ୍ରୀଙ୍କ ଦେଖା ମିଳୁନି । କିଏ ଏଠାକାର ଦାୟିତ୍ୱରେ ଅଛନ୍ତି ତାହା ମଧ୍ୟ କାହା ପାଖରେ ଖବର ନାହିଁ । ଉକ୍ତ ଦୂରତା ସୂଚନା ଫଳକ ହୋର୍ଡିଂ ଚିରି ଯାଇ ନଷ୍ଟ ହୋଇଥିବା ଘଟଣା ସମ୍ପର୍କରେ ଅଭିଯୋଗ କରିବା ପାଇଁ ରାମନାଗୁଡା ସ୍ଥିତ କାର୍ଯ୍ୟାଳୟକୁ ଗଲେ କାହାରି ଦେଖା ମିଳୁନି । ତେଣୁକରି ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ନଳକୂପ ଅଚଳ: ପାଣି ପାଇଁ ଲୋକେ ହନ୍ତସନ୍ତ



ନବରଙ୍ଗପୁର: ପାପଡ଼ାହାଣ୍ଡି ବ୍ଲକ୍ ମାଝୀଗୁଡା ପଞ୍ଚାୟତର ସଦରମହକୁମା ଛକରେ ଥିବା ନଳକୂପଟି ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି । ଏହି ନଳକୂପ ଉପରେ ସାହିର ପାଖାପାଖି ପଚାଶ ପରିବାର ନିର୍ଭର କରିଥାନ୍ତି । ନଳକୂପକୁ ମରାମତି କରିବା ପାଇଁ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କିନ୍ତୁ କର୍ମଚାରୀମାନେ ମରାମତି କରିବା ପରିବର୍ତ୍ତେ ପଞ୍ଚାୟତ କର୍ମକର୍ତ୍ତା ପର ଉପରେ ଦୋଷ ଦେଖାଇ ଚୁପ ହୋଇଯାଉଛନ୍ତି । ଯାହା ଫଳରେ ଲୋକେ ପିଇବା ପାଣି ପାଇଁ ନାହିଁ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସେହିପରି ପଞ୍ଚାୟତର ଲୋଦି ଗ୍ରାମର ଗୌଡ଼ ସାହି ଏବଂ ବିଦ୍ୟାଳୟରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ସେଠାରେ ମଧ୍ୟ ନଳକୂପଟି ଦୀର୍ଘ ଚାରି ମାସ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି । ସାହି ବାସିନ୍ଦା ଓ ବିଦ୍ୟାଳୟ କମିଟି ସରପଞ୍ଚ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନେ ନଳକୂପ ପାଇପ୍ ନାହିଁ କହି କର୍ଣ୍ଣପାତ କରୁନଥିବା କହିଛନ୍ତି । ସାହିରେ ଥିବା କୂଅ ଏବଂ ଝରଣାରୁ ଲୋକେ ପିଇବାପାଣି ସଂଗ୍ରହ କରୁଛନ୍ତି । କୂଅ ଓ ଝରଣା ପାଣି ବିଶୁଦ୍ଧ ନ ଥିବାରୁ ସଂକ୍ରମଣ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ବିଦ୍ୟାଳୟ ମଧ୍ୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରଠୁ ପାଣି ବୋତଲ ନେଇ ବିଦ୍ୟାଳୟ ଯାଉଛନ୍ତି । ଆଗକୁ ଖରାଦିନ ଆସୁଥିବାରୁ ଏହି ନଳକୂପକୁ ଶୀଘ୍ର ମରାମତି କରିବା ପାଇଁ ଗାଁର ହରିହର ଗୌଡ଼, ପାର ପୂଜାରୀ, ମାଙ୍ଗଡି ଜାନୀ, ଡମାଇ ବିନ୍ଧାଣି, ମଇନା ଗୌଡ଼, ଗୌରା ଗୌଡ଼, ପାର୍ବତୀ ଜାନୀ, ତିଲତମା ଗୌଡ଼, ହିରାମଣୀ ଗୌଡ଼ ଏବଂ ବିଦ୍ୟାଳୟ କମିଟି ଦାବି କରିଛନ୍ତି ।



ଭଜୁ କି ନା ରାମ ନାମରେ କୁମର - ଗୀତ ଗାଇ ଓଡ଼ିଶାର ଗାଁ ଦାଣ୍ଡରେ ବୁଲୁଥିବା ଯୋଗୀମାନଙ୍କୁ ଏବେ ଆଉ ଦେଖିବାକୁ ମିଳୁନାହିଁ । ତା ସହିତ ଅସ୍ତମିତ ହୋଇଯାଇଛି କେନ୍ଦରାର କରୁଣ ରାଗିଣୀ । କେନ୍ଦରାରେ ଏଭଳି ଗୀତର ସୁର ଦେଇ ଗାଁ ଦାଣ୍ଡରେ ବୁଲୁଥିବା ବ୍ୟକ୍ତିଙ୍କୁ କୁହାଯାଏ ଯୋଗୀ । ଯୋଗୀ ମାନଙ୍କ ପ୍ରତି ଏବେ ବି ଜନମାନସରେ ଅକୁଣ୍ଠ ବିଶ୍ୱାସ ରହିଛି । ଗୀତ ଶୁଣି ଘର ଭିତରୁ ଦଉଡି ଆସନ୍ତି ମା', ମାଉସୀ, ପୁରୁଷ ଓ ପିଲାମାନେ । ଟଙ୍କା ଠାରୁ ଆରମ୍ଭ କରି ଚାଉଳ, ନଡ଼ିଆ ଓ ପରିବା ଇତ୍ୟାଦି ଯୋଗୀଙ୍କ ଥାଳରେ ଦେଇଦିଅନ୍ତି । ସେହିପରି କେତେକ ମଧ୍ୟ ନିଜ ବାଳୁତ ପୁଅ ଗଳାରେ ଦୁଇଟି ରୁଦ୍ରାକ୍ଷ ପିନ୍ଧାଇ ଓ ଗୋରଖନାଥଙ୍କ ବିଭୂତି ମଥାରେ ଲଗାଇ ଯୋଗୀଙ୍କୁ ବିକ୍ରି କରିଦେଇଥାନ୍ତି । ଉପକୂଳ ଓଡ଼ିଶାର ଅନେକ ଗାଁରେ ଏହି ପରମ୍ପରା ଥିଲା । ଏବେ ସମୟର ପ୍ରବାହରେ ଏହି ଧାରା ମଧ୍ୟ ଆଉ ପୂର୍ବ ଭଳି ଦେଖିବାକୁ ମିଳୁନାହିଁ । ଯୋଗୀଙ୍କୁ ବିକ୍ରି କରିଦେଇଥିବା ପୁଅକୁ ନଅବର୍ଷ ହେଲେ ଯୋଗୀଙ୍କ ଠାରୁ ମୁକୁଳାଇ ଅଣାଯିବାର ପରମ୍ପରା ଥିଲା । ଶିଶୁଟି ଯୋଗୀବେଶ ଧାରଣ କରି ହାତରେ ଲାଉତୁମ୍ବା, ଆଶାବାଡ଼ି, ମୁଣ୍ଡରେ ପଗଡ଼ି, ଗଳାରେ ରୁଦ୍ରାକ୍ଷ ମାଳା ପକାଇ ଦୀର୍ଘଜୀବନ ପାଇଁ ଶହେ କୋଡ଼ିଏ ଲୋକଙ୍କ ଦୁଆରେ ଭିକ୍ଷା ମାଗିଥାଏ ।

# ହଜିଗଲାଣି କେନ୍ଦରା ସୁର

## କୌଳିକ ପ୍ରଥା ପ୍ରତି କମୁଛି ଆଗ୍ରହ

ଆମ ରାଜ୍ୟର ବିବିଧ ସାଂସ୍କୃତିକ ଐତିହ୍ୟ ମଧ୍ୟରୁ ଯୋଗୀ ସମ୍ପ୍ରଦାୟର କେନ୍ଦରା ଗୀତ ପରମ୍ପରା ବେଶ ପ୍ରାଚୀନ । ପୁରପଲ୍ଲୀରେ ଏହି ପୁରାତନ ଲୋକକଳା ବେଶ ଲୋକପ୍ରିୟ ହୋଇଥିଲା ବେଳେ ପରିବର୍ତ୍ତିତ ପରିସ୍ଥିତିରେ ଏହି ପରମ୍ପରା ଏବେ ତା'ର ସ୍ଥିତି ହରାଇବାକୁ ବସିଛି । ଯୋଗୀ ସମ୍ପ୍ରଦାୟର ଉତ୍ତରପିଢ଼ି ପରମ୍ପରାଗତ ବୃତ୍ତି ପ୍ରତି ଅନାଗ୍ରହ ଭାବ ଦେଖାଉଥିବାରୁ ଏଭଳି ଅବସ୍ଥା ଦେଖା ଦେଇଥିବା ଜଣାପଡ଼ିଛି । ଭଦ୍ରକ ଜିଲ୍ଲାର ଉତ୍ତରବାହିନୀ, ହଳଦୀଡିହ ବାଇପାସ୍, ନାଥସାହି ପ୍ରଭୃତି ଅଞ୍ଚଳରେ ରହିଛନ୍ତି ଯୋଗୀ ସମ୍ପ୍ରଦାୟର ଶତାଧିକ ପରିବାର । ଏମାନେ କୌଳିକ ବୃତ୍ତି ଭାବେ କେନ୍ଦରା ବାଦନ କରିବା ସହିତ ଅତ୍ୟନ୍ତ ସୁମଧୁର ସଙ୍ଗୀତ ଗାୟନ କରି ଘର ଘର ବୁଲିଥା'ନ୍ତି । ଟୀକା ଗୋବିନ୍ଦ ଚନ୍ଦ୍ର, ରୋହିତ ଶୋକ, ରାମ ଲକ୍ଷ୍ମଣ ସୀତା ଚୋରି, ଆଖଣ୍ଡଳମଣିଙ୍କ ବିଷୟ ଆଧାରିତ ସଙ୍ଗୀତ ଗାଇବା ବେଳେ ଏମାନଙ୍କ ପରିବେଷଣ ସମସ୍ତଙ୍କୁ ବିଭୋର କରିଦେଇଥାଏ । ବିଶେଷ କରି ଗୃହିଣୀମାନେ ଯୋଗୀ ପୁଅର କେନ୍ଦରା ଗୀତ ଶୁଣି ତା' ଝୁଲା ମୁଣିରେ ଖୁସିରେ ଚାଉଳ ପନିପରିବା ଟଙ୍କା ପଇସା ତ ପୁଣି କିଏ ନୂଆ ବସ୍ତ୍ର ପରିଧାନ ଭରି ଦେଇଥାଏ । ଏଭଳି ଦୃଶ୍ୟ ଅଧିକାଂଶ ସମୟରେ ଘର ଦୁଆର ମୁହଁରୁ ଗାଁ ଦାଣ୍ଡ ଯାଏଁ ଦେଖିବାକୁ ମିଳେ, ଯାହା ଗ୍ରାମ୍ୟ ଜୀବନର ରୁଦ୍ଧିମନ୍ତ ପରମ୍ପରାକୁ ବୟାନ କରିଥାଏ । ସମୟ କ୍ରମେ ଯୋଗୀ ବା ନାଥ ସମ୍ପ୍ରଦାୟର ପରବର୍ତ୍ତୀ ପିଢ଼ି ପାଠସାଠ ପଢ଼ି ଶିକ୍ଷିତ ହେବା ପରେ ଏମାନେ ଆଉ କୌଳିକ ପ୍ରଥା ପ୍ରତି ଆଗ୍ରହ ଦେଖାଉ ନାହାନ୍ତି । ପୂର୍ବରୁ ବାପା-ଦାଦା-ଗୋସବାପାଙ୍କଠାରୁ କେନ୍ଦରା ଗୀତ ଶିଖି ପରିବାର ପ୍ରତିପୋଷଣ କରୁଥିବା ବୟସ୍କ ଯୋଗୀ ପୁଅମାନେ ଆଉ ଆଗ ଭଳି ଗାଁଗଣ୍ଡାରେ ଦେଖିବାକୁ ମିଳୁନାହାନ୍ତି । ଏଭଳି ସ୍ଥିତିରେ ବହୁ ପୁରାତନ ଯୋଗୀ ପରମ୍ପରାର ଅସ୍ତିତ୍ୱକୁ ନେଇ ଆଶଙ୍କା ଦେଖାଦେଇଛି ।

ଡିଜିଟାଲ ଯୁଗର ମଣିଷ ଧାର୍ମିକ ପରମ୍ପରାକୁ କିଭଳି ଭରସା କରିଆସୁଛନ୍ତି, ତାର ଅନେକ ନଜିର ବିଶ୍ୱବ୍ୟାପୀ ରହିଥିବା ବେଳେ ଓଡ଼ିଶାର ଗାଁଗଣ୍ଡା ଓ ସହରରେ ଲୋକଙ୍କ ଧର୍ମୀୟ ବିଶ୍ୱାସ ଅତ୍ୟନ୍ତ ସୁଦୃଢ ରହିଆସିଛି । ଇନ୍ଦ୍ରମଣି ନାଥ ନାମକ ଜଣେ ଯୋଗୀଙ୍କ କେନ୍ଦରା ଗୀତ ଶୁଣିବାକୁ ମିଳିଥିଲା । ସେ କହିଥିଲେ - ପନ୍ଦର ବର୍ଷ ବୟସରୁ ବାପାଙ୍କ ସହିତ ଏହି ବୃତ୍ତି କରି ଟିକା ଗୋବିନ୍ଦଚନ୍ଦ୍ରଙ୍କ ଗୀତ ଗାଇ ଆସୁଛି । ଏବେ ମୋତେ ସତୁରି ବର୍ଷ ବୟସ । ଗୋଟିଏ ବୋଲି ପୁଅ । ସେ କୌଳିକ ବୃତ୍ତି କରିବାକୁ ମନା କରିଦେଲା । ଏହି ବୃତ୍ତି ଆପଣାଇବା ପାଇଁ ଯୁବପିଢ଼ି ଆଗ୍ରହ ପ୍ରକାଶ କରୁନାହାନ୍ତି । ପୁରୁଣା ପିଢ଼ିର କିଛି ହାତଗଣତି ଯୋଗୀ ନିମାପଡା ଅଞ୍ଚଳର ନିର୍ଦ୍ଦିଷ୍ଟ କିଛି ଗାଁରେ ବସବାସ କରୁଛନ୍ତି । ସେମାନେ ବେଳେ ବେଳେ ବିଭିନ୍ନ ଜନପଦ ଗୁଡିକରେ କେନ୍ଦରା ବଜାଇ କରୁଣଗୀତ ଗାଇ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଚାଉଳ, ପଇସା, ପରିବା ଆଦି ଯିଏ ଯାହା ଦେଲା ତାକୁ ଆଦରରେ ଗ୍ରହଣ କରିଥାନ୍ତି । ଯାହା ଜଣାଗଲେଣି ଏହି ଯୋଗୀ ପରମ୍ପରା ଆଉ ଗୋବିନ୍ଦଚନ୍ଦ୍ରଙ୍କ ଗୀତର ସ୍ୱରକୁ ଭିଡିଓ ରେକର୍ଡିଂ କରି ରଖାଯିବ । ଭବିଷ୍ୟତ ପିଢି ଏହାକୁ ଦେଖି କହିବେ ଆମ ଓଡ଼ିଶାରେ ନାଥଯୋଗୀ ପରମ୍ପରାର ଗୀତ ଏହିପରି ରହିଥିଲା ।

## ସଚେତକ ଭୂମିକାରେ ଯୋଗୀ

ମଣିଷ ଜୀବନର ଶେଷ ସମୟ ଆସିବା ପୂର୍ବରୁ କିଛି ଧର୍ମ କାମ କରିବାକୁ ଗୀତ ଗାଇ ଗାଇ ଲୋକଙ୍କୁ ଚେତାଇ ଦେଉଥିଲେ ଏହି ଯୋଗୀମାନେ । ଭଗବାନଙ୍କ ନାମ ସଂକୀର୍ତ୍ତନ ଓ ଆଧ୍ୟାତ୍ମିକ ମାର୍ଗରେ ଚାଲିବା ପାଇଁ ଦେଉଥିଲେ ପରାମର୍ଶ । ନୀତି ନିୟମ ଧର୍ମ ପୁରାଣ ନ ମାନିଲେ ଅବେଳରେ କାଳଯମ ବାନ୍ଧିନେବ ବୋଲି ଗୀତରେ ଗୀତରେ ଚେତାଉଥିଲେ । ସେମାନେ ଗାଁର ପାଦଦେଶରେ ପାଦ ଦେଉ ଦେଉ କେନ୍ଦରାର ସ୍ୱର ତଥା ସେମାଙ୍କର ମୁଖରୁ ନିସୃତ ବାଣୀ ଶୁଣି ଗାଆଁ ଲୋକମାନେ ସେମାନଙ୍କ ଆଗମନ ବିଷୟରେ ଜାଣିପାରୁଥିଲେ । ସେହି ଯୋଗୀମାନେ ପ୍ରାୟତଃ ଏକୁଟିଆ କିମ୍ବା ସଂଘବଦ୍ଧ ହୋଇ ଗୀତ ଗାଇ ଗାଇ ଆସୁଥିଲେ । ସେମାନେ ଛୋଟ ଛୋଟ ଗାଆଁରେ ମଣ୍ଡପ ଉପରେ ବସୁଥିବା ବେଳେ ବଡ଼ ବଡ଼ ଗାଆଁମାନଙ୍କରେ ଘରକୁ ଘର ବୁଲି ଭିକ୍ଷାବୃତ୍ତି କରୁଥିଲେ । ଯିଏ ଯାହା ଦେଲେ ସେମାନେ ତାକୁ ଖୁସିରେ ଗ୍ରହଣ କରି ନେଉଥିଲେ ଏବଂ ଅଧିକ କିଛି ଦାବି କରୁ ନ ଥିଲେ । ଉପକୂଳ ଓଡ଼ିଶାରେ ବର୍ଷ ବର୍ଷ ଧରି ଏମାନେ ଓଡ଼ିଶାର ସାମାଜିକ ଜୀବନରେ ଏକ ପ୍ରମୁଖ ସଚେତକ ଓ ସଂସ୍କାରକ ଭୂମିକାରେ ରହିଥିଲେ । ଯୋଗୀଙ୍କୁ ଦେଖିଲେ ଏବେ ବି ଶ୍ରଦ୍ଧା ଓ ବିଶ୍ୱାସ କରୁଥିବା ଲୋକ ଆମ ସମାଜରୁ କିନ୍ତୁ କମିଯାଇ ନାହାନ୍ତି ।

ଏମାନେ ପଶ୍ଚିମବଙ୍ଗରୁ ଶରଣାର୍ଥୀ ଭାବେ ଓଡ଼ିଶାକୁ ଆସି ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଆଦି ଅଞ୍ଚଳରେ ବସତି ସ୍ଥାପନ କରିଥିଲେ ।

ଗାଁରୁ ଗାଁକୁ ବୁଲି ବୁଲି କେନ୍ଦରା ବଜାଇ ଗୀତ ଗାଇ ସେମାନେ ଚାଉଳ ଓ ଅର୍ଥ ସଂଗ୍ରହ କରୁଥିଲେ । ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଖୁଲଣା ସୁନ୍ଦରୀ, ଟୀକା ଗୋବିନ୍ଦଚନ୍ଦ୍ରଙ୍କ ସଙ୍ଗୀତ ଗାଇ ଭିକ୍ଷା ମାଗୁଥିଲେ । କେନ୍ଦ୍ରପଡ଼ାର ଡେରାବିଶ, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର ଆଦି ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ଅଧିକାଂଶ ପରିବାର ଏହି ବୃତ୍ତିକୁ ଆପଣାଇଥିଲେ । ହେଲେ ଧୀରେ ଧୀରେ ଏଥିପ୍ରତି ଲୋକଙ୍କର ଆଦର କମିଗଲା । ନୂତନ ପିଢ଼ି ଏହାକୁ ଶିଖିବାକୁ ଆଗ୍ରହ ପ୍ରକାଶ କଲେ ନାହିଁ । କମ ଆୟ ହେଉଥିବାରୁ ସେମାନେ ଯୋଗୀବୃତ୍ତି ଛାଡ଼ିଦେବାକୁ ବାଧ୍ୟ ହେଲେ ଏବଂ ଅନ୍ୟ ବୃତ୍ତି ଗ୍ରହଣ କଲେ । ଏବେ ଏହା ଲୁପ୍ତପ୍ରାୟ ଅବସ୍ଥାରେ, ଯାହା କେବଳ କେତେଜଣ ହାତଗଣତି ଲୋକ ଏହା ଉପରେ ନିର୍ଭର କରି ଚଳୁଥିବା ବେଳେ ପରମ୍ପରା ବଞ୍ଚାଇ ରଖିଛନ୍ତି । ଏବେ ଏହି ଯୋଗୀମାନେ ପ୍ରାୟତଃ ମହାଶିବରାତ୍ରି ପୂର୍ବରୁ ଆସି ଭିକ୍ଷା କରି ନେଉଛନ୍ତି ଏବଂ ମହାଶିବରାତ୍ରିରେ କପିଳାସ ପୀଠରେ ପୂଜାର୍ଚ୍ଚନାରେ ଏହି ଭିକ୍ଷାରାଶି ନିୟୋଜନ କରୁଛନ୍ତି ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ